୬
ଏସିଆ କପ୍‌-୨୦୨୫ : ବିଜୟରୁ ଅଭିଯାନ ଆରମ୍ଭ କଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୨୪ ● ୧୧ ସେପ୍ଟେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-224 ● 11th September 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟ କ୍ୟାବିନେଟରେ ୫ଟି ପ୍ରସ୍ତାବକୁ ମୋହର

# ଭୁବନେଶ୍ୱର ନୂଆ ସହର ମାଷ୍ଟରପ୍ଲାନକୁ ଅନୁମୋଦନ

**ଭୁବନେଶ୍ୱର, ୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ମୁଖ୍ୟତଃ ରାଜଧାନୀ ଭୁବନେଶ୍ୱର ପାଇଁ ନୂଆ ସହର ଯୋଜନା ମାଷ୍ଟର ପ୍ଲାନକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ।

ସ୍ୱୟଂ... 




କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ନୂଆ ସହର ଗଠନ ହେବ। ଏହା ରାଜ୍ୟର ଦୀର୍ଘକାଳୀନ ବିକାଶ ଯୋଜନା 'ବିକଶିତ ଓଡ଼ିଶା-୨୦୩୬' ସହ ଜଡ଼ିତ ଏକ ବହୁ-ଅର୍ଥନୀତି ବୃଦ୍ଧି ଅଞ୍ଚଳ ଭାବେ ତିଆରି ହେବ। ସେହିପରି ନୂଆ ସହର (ନ୍ୟୁ ସିଟି) ପରିବହନ-କେନ୍ଦ୍ରିକ ଯୋଜନା ଯାହା ସହଜ ସାର୍ବଜନୀନ ପରିବହନ, କମ୍ ଯାତ୍ରା ଦୂରତା ଓ ବିଭିନ୍ନ ଜମି ବ୍ୟବହାରର ସୁଗମ ସଂଯୋଗ ଉପରେ ଧ୍ୟାନ ଦେଇଛି। ଏଥିରେ ସମସ୍ତଙ୍କ ପାଇଁ ଘର ଯୋଗାଇବା ଲକ୍ଷ୍ୟ ରଖାଯାଇଛି। ଯେଉଁଥିରେ ସମସ୍ତ ଆୟ ବର୍ଗ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ। ଏହି ସହର ଆଧୁନିକ ସୁବିଧା ସହ ତିଆରି ହେବ, (ଏମଆଇସି)ର ଯେପରିକି ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ନୂଆ ଆଇଡିଆ ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର, ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମୁଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟ୍‌ୱେ ପ୍ଲାଜା ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା, ପରିବେଶ ସୁରକ୍ଷା ଓ ନାଗରିକଙ୍କ ସମଗ୍ର କଲ୍ୟାଣ ପାଇଁ ସ୍ମାର୍ଟ ଓ ସବୁଜ ଭିତ୍ତିଭୂମି ସମାଧାନକୁ ମଧ୍ୟ ଅନ୍ତର୍ଭୁକ୍ତ କରିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନୋଡ଼ାଲ ଏଜେନ୍ସି ଭାବେ ନିଯୁକ୍ତ ହୋଇଛି। ଯାହା ବର୍ତ୍ତମାନ ବିଭିନ୍ନ ପର୍ଯ୍ୟାୟରେ ଯୋଜନା ଏବଂ ପ୍ରାରମ୍ଭିକ କାର୍ଯ୍ୟକାରିତା ପର୍ଯ୍ୟାୟରେ ରହିଛି। ୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁରର ରାଷ୍ଟ୍ରପତି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର *(ପୃଷ୍ଠା ୭ରେ)*

# ସୁଶୀଳା କାରକି ନେପାଳର ଅନ୍ତରୀଣ ନେତା

**କାଠମାଣ୍ଡୁ, ୧୦।୯**

ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାରକି ଅନ୍ତରୀଣ ନେତା ହୋଇଛନ୍ତି। ନେପାଳରେ ଆନ୍ଦୋଳନ ଦ୍ୱାରା ଶାସନ ବଦଳାଇଥିବା ଜେନ ଜେଡ ପକ୍ଷରୁ ତାଙ୍କୁ ଦେଶର ଅନ୍ତରୀଣ ନେତା ଭାବେ ଚୟନ କରାଯାଇଛି। ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ, ତା'କୁ ନେଇ ପ୍ରାୟ ୫୦୦୦ ଯୁବକଯୁବତୀ ବୁଧବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଥିଲେ। ଏହାପରେ ଜେନ ଜେଡ ପକ୍ଷରୁ ସୁଶୀଳାଙ୍କୁ ଅନ୍ତରୀଣ ନେତା ଭାବେ ବଛା ଯାଇଛି।

ନେପାଳର ପ୍ରଥମ ତଥା ଏକମାତ୍ର ପ୍ରଧାନ ବିଚାରପତି ଭାବେ ସୁଶୀଳା କାର୍ଯ୍ୟ କରିଛନ୍ତି। ଭାରତର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିବା ସୁଶୀଳା ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରିବା ବେଳେ ଜଣେ ମନ୍ତ୍ରୀଙ୍କୁ ଦୁର୍ନୀତି ମାମଲାରେ ଜେଲ ପଠାଇଥିଲେ।

ଅନଲାଇନ ଆଲୋଚନାର ଫୋକସ ଦେଶର ସର୍ବୋଚ୍ଚ ପଦର ପ୍ରାର୍ଥୀ କିଏ ହେବେ, ତା' ଉପରେ ରହିଥିଲା ନଜର। ପ୍ରଥମେ କାଠମାଣ୍ଡୁ ମେୟର ବାଲେନ ଶାହ ସବୁଠାରୁ ଆଗରେ ରହିଥିଲେ। କିନ୍ତୁ ଆଲୋଚନାରେ



ଭାଗ ନେଇଥିବା ଯୁବଗୋଷ୍ଠୀ କହିଥିଲେ ଯେ ବାଲେନ ଶାହଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ପ୍ରକାରର ସହଯୋଗ କରି ନଥିଲେ।

ଯେହେତୁ ବାଲେନ ଶାହ ଯୁବଗୋଷ୍ଠୀଙ୍କ କଲ ଉଠାଇ ନଥିଲେ, ତେଣୁ ଅନ୍ୟ ନାଁ ଗୁଡ଼ିକ ଉପରେ ବିଚାର କରାଯାଇଥିଲା। ଅଧିକାଂଶ ଯୁବକଯୁବତୀ ସୁଶୀଳାଙ୍କ ନାଁକୁ ସମର୍ଥନ କରିଥିଲେ ବୋଲି ଜେନ ଜେଡର ଜଣେ ପ୍ରତିନିଧି କହିଛନ୍ତି।

ନେପାଳର ଦାୟିତ୍ୱ ନେବାକୁ ଯୁବଗୋଷ୍ଠୀ ସୁଶୀଳାଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେ ତାଙ୍କ ସମର୍ଥନରେ ୧ ହଜାର ଦସ୍ତଖତ ଚାହିଁଥିଲେ। ଏବେ ୨୫୦୦ ଦସ୍ତଖତ ତାଙ୍କ ସପକ୍ଷରେ ରହିଥିବାରୁ *(ପୃଷ୍ଠା ୭ରେ)*

## ଭାରତ-ନେପାଳ ବିମାନ ସେବା ବନ୍ଦ : ଫସିଛନ୍ତି ୭୦୦ ଭାରତୀୟ

**ନୂଆଦିଲ୍ଲୀ, ୧୦।୯**

ନେପାଳରେ ଲାଗି ରହିଥିବା ଅଶାନ୍ତ ପରିସ୍ଥିତିକୁ ନେଇ ଭାରତ-ନେପାଳ ମଧ୍ୟରେ ବିମାନ ସେବାକୁ ସାମୟିକ ଭାବେ ବନ୍ଦ ରଖାଯାଇଛି। ଭାରତର ଦୁଇ ପ୍ରମୁଖ ଏୟାର ଲାଇନ୍ସ 'ଏୟାର *(ପୃଷ୍ଠା ୭ରେ)*

## ଭାରତ ସୀମାରେ ସୁରକ୍ଷା କଡ଼ାକଡ଼ି

**ନୂଆଦିଲ୍ଲୀ, ୧୦।୯**

ନେପାଳରେ ଦେଖାଦେଇଥିବା ହିଂସାତ୍ମକ ପରିସ୍ଥିତି ଉପରେ ଭାରତ ଅହରହ ନଜର ରଖିଛି। ଭାରତୀୟ ନାଗରିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ନାଗରିକମାନଙ୍କୁ ହିଂସା ପ୍ରଭାବିତ ଅଞ୍ଚଳରୁ ଦୂରେଇ ରହିବା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ପୋଲାଣ୍ଡ ରୁଷିଆ ଡ୍ରୋନ୍‌କୁ ଧ୍ୱଂସ କଲା।
- ଇସ୍ରାଏଲ୍ କତାରରେ ହାମାସ୍ ନେତାଙ୍କୁ ଆକ୍ରମଣ : ଟ୍ରମ୍ପ ଅସନ୍ତୁଷ୍ଟ।
- ଇରାନ୍‌ରେ ଦଣ୍ଡାଦେଶ ବୃଦ୍ଧି : ଜାତିସଂଘର ଆଶଙ୍କା।
- ଇଟାଲୀ–ମୋଦୀ ଆଲୋଚନା : ୟୁଏସ ଟାରିଫ୍‌କୁ ଏଡ଼ାଇଲେ।
- ଇଜିପ୍ଟର ପୁରାତନ ମଠ : ସୁରକ୍ଷା ପ୍ରୟାସରେ ବିଶ୍ୱ ଆକର୍ଷଣ।
- ମ୍ୟାଁମାର ବିଦ୍ରୋହୀ ସହ ଭାରତର ଚୁକ୍ତି ପ୍ରୟାସ – ଦୁର୍ଲଭ ଖଣିଜରେ ଚୀନ୍‌ରୁ ନିର୍ଭରତା କମିବ।
- ବିହାରରେ ୭,୬୧୬ କୋଟି ଅଧିକାରଭିତ୍ତିକ ପ୍ରକଳ୍ପକୁ ମଞ୍ଜୁରୀ।
- ଭୁବନେଶ୍ୱରରେ ଅଚିହ୍ନା ମୃତଦେହ – ୪୮ ଘଣ୍ଟା ପରେ ମଧ୍ୟ ପରିଚୟ ମିଳିଲା ନାହିଁ, ପୋଲିସ୍ ପୋଷ୍ଟର ସହିତ ପୁରସ୍କାର ଘୋଷଣା କଲା।
- ସମ୍ବଲପୁରରେ 'ଯାଦୁଗୁରୁ' ସାଜି ଶିଶୁ ଅପହରଣ ଚେଷ୍ଟା : ୨ ଗିରଫ।

# ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ

**ଭୁବନେଶ୍ୱର, ୧୦।୯ : ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱ ଆତ୍ମହତ୍ୟା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ଆମ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଜି ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା – ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା, ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ଆମେ ସମସ୍ତେ କାମ କରିବା।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମୁଁ ସମସ୍ତଙ୍କୁ ବିଶେଷ ଭାବେ ଯୁବ ସମାଜକୁ ନିବେଦନ କରିବି ଯେ 'ବିଶ୍ୱ ନିୟନ୍ତାଙ୍କ ପ୍ରଦତ୍ତ ଜୀବନ ହେଉଛି ଅମୂଲ୍ୟ'। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟ ବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହିତ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହୋଇ ନ ରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ *(ପୃଷ୍ଠା ୭ରେ)*

## ଅଯୋଧ୍ୟା ଓ ବାରଣାସୀ ଯାତ୍ରାରେ ୭୭୫ ବରିଷ୍ଠ ନାଗରିକ

# ପତାକା ଦେଖାଇ ଶୁଭାରମ୍ଭ କଲେ ଦୁଇ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ସ୍ୱତନ୍ତ୍ର ଟ୍ରେନ୍‌ରେ ଅଯୋଧ୍ୟା ଓ ବାରଣାସୀ ଯାତ୍ରା କଲେ ତୀର୍ଥଯାତ୍ରୀ। ୭୭୫ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ଯାତ୍ରା କରିଛନ୍ତି। ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ବୁଲି ଦେଖିବେ। ବୁଧବାର ଭୁବନେଶ୍ୱରରେ ରେଳ ଷ୍ଟେସନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତୀର୍ଥଯାତ୍ରୀ ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।



ତୀର୍ଥଯାତ୍ରାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ବରିଷ୍ଠ ନାଗରିକ ରହିଛନ୍ତି। ସେମାନଙ୍କୁ ସହଯୋଗ କରିବାକୁ ୨୫ଜଣ ଅଧିକାରୀ ଯାତ୍ରା କରିଛନ୍ତି। ସେପ୍ଟେମ୍ବର ୧୦ ଠାରୁ ତୀର୍ଥଯାତ୍ରାରେ ଯାଇ ୧୫ ତାରିଖରେ ଭୁବନେଶ୍ୱର ଫେରିବେ। ତୀର୍ଥଯାତ୍ରୀମାନେ ମଙ୍ଗଳବାର ନିଜ ନିଜ ଜିଲ୍ଲାରୁ ଆସି ଭୁବନେଶ୍ୱରରେ *(ପୃଷ୍ଠା ୭ରେ)*

## ସୁଭଦ୍ରାକୁ ନେଇ ପୁଣି ଏକ ବଡ଼ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

ସୁଭଦ୍ରା

**ଭୁବନେଶ୍ୱର, ୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ସୁଭଦ୍ରା ଯୋଜନାକୁ ନେଇ ବୁଧବାର ପୁଣି ଏକ ବଡ଼ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଯୋଗ୍ୟ ହିତାଧିକାରୀ ନିଶ୍ଚିତ ସୁଭଦ୍ରା ଯୋଜନାର ସହାୟତା ରାଶି ପାଇବେ। କାହିଁକି ଉକ୍ତ ଯୋଜନାରୁ ବଞ୍ଚିତ ହେଲେ ତାହାର ତର୍ଜମା ଚାଲିଛି। ଯୋଗ୍ୟ ହୋଇଥିଲେ ଏକାଥରକେ ଦୁଇଟି କିସ୍ତିର ଟଙ୍କା *(ପୃଷ୍ଠା ୭ରେ)*

## ୮ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ବୁଧବାର ରାଜ୍ୟର ୮ ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହି ଜିଲ୍ଲାଗୁଡିକ ହେଲା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼। ଏହି ସବୁ ଜିଲାରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଅପରପକ୍ଷରେ ୧୨ ତାରିଖ ଶୁକ୍ରବାରଠାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ।

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ବିଧାନସଭା ଅଧିବେଶନ ବେଳେ ଅଧିକାରୀ ହେଡ୍‌କ୍ୱାର୍ଟର ନ ଛାଡ଼ନ୍ତୁ

**ଭୁବନେଶ୍ୱର, ୧୦।୯**
**ନ୍ୟୁଜ୍‌ବ୍ୟୁରୋ**

ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହେଉଛି ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ। ଅଧିବେଶନ ପୂର୍ବରୁ ବିଭାଗୀୟ ସଚିବଙ୍କ ପାଇଁ ଜାରି ହେଲା ନିର୍ଦ୍ଦେଶନାମା। ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ସମସ୍ତ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ସଜାଗ ରହିବାକୁ କହିଲେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ଚିଠିରେ କୁହାଯାଇଛି, ବିଧାନସଭାରେ ଉଠାଯାଇଥିବା ସମସ୍ତ ପ୍ରସଙ୍ଗର ଉତ୍ତର ସଠିକ୍ ଭାବେ ରଖିବେ ବିଭାଗୀୟ ସଚିବ। ବିଧାନସଭା ସମୟରେ ସମସ୍ତ ସଚିବ ସଦର ମହକୁମାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ । ଏହି ସମୟରେ ସଚିବମାନେ ବିଦେଶ ଯାତ୍ରାରୁ ନିବୃତ୍ତ ରହିବେ। ରାଜ୍ୟ ବାହାରକୁ ଗସ୍ତ ମଧ୍ୟ ଯଥା ସମ୍ଭବ ସୀମିତ ରଖିବାକୁ ଚିଠିରେ କୁହାଯାଇଛି। ବିଧାନସଭା ପ୍ରଶ୍ନ ମୁଲତବୀ ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଗୁଡ଼ିକର ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଉଥିବାରୁ ସେମାନେ ସଦର ମହକୁମାରେ ଉପସ୍ଥିତ ରହିବା ବାଞ୍ଛନୀୟ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ। ସେହିପରି ବିଧାନସଭା ସମୟରେ ବିଭାଗୀୟ ସଦର ମହକୁମା କିମ୍ବା ସଚିବାଳୟ ସ୍ତରରେ କୌଣସି ସଭା ଡକାଇ ପାରିବେନି। ସଭା ବଦଳରେ ଭିଡିଓ କନଫରେନ୍ସିଂ ଜରିଆରେ ନିଷ୍ପତ୍ତି ନେଇପାରିବେ।

# ୨୦୩୦ ସୁଦ୍ଧା ୫୦% ଇଭି ପଞ୍ଜୀକରଣ ଲକ୍ଷ୍ୟ

**ଭୁବନେଶ୍ୱର, ୧୦।୯**
**ନ୍ୟୁଜ୍‌ବ୍ୟୁରୋ**

୨୦୨୫ ସୁଦ୍ଧା ରାଜ୍ୟରେ ୨୦% ବିଦ୍ୟୁତ୍‌ଚାଳିତ ଯାନ (ଇଭି) ପଞ୍ଜୀକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ମାତ୍ର ୯% ଇଭି ପଞ୍ଜୀକୃତ ହୋଇଛି। ପର୍ଯ୍ୟାପ୍ତ ଚାର୍ଜିଂ ଷ୍ଟେସନ ନାହିଁ। ଏବେ ଇଭି ବିପ୍ଳବକୁ ବଳ ଦେବ ପାଇଁ ପରିବହନ ବିଭାଗ ଆଣିବାକୁ ଯାଉଛି ନୂଆ ଇଭି ନୀତି ୨୦୨୫। ପ୍ରସ୍ତାବିତ ନୀତିରେ ଅନେକ ସଂଶୋଧନ କରାଯିବା ସହ କିଛି ନୂଆ ପଦକ୍ଷେପ ନିଆଯାଇଛି। ୨୦୩୦ ସୁଦ୍ଧା ଇଭି ପଞ୍ଜୀକରଣ ୫୦% ରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି।

ପ୍ରସ୍ତାବିତ ଇଭି ନୀତି ଅନୁସାରେ ଇଭି ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ସରକାର ଏକ ଅଭିଯୋଗ କେନ୍ଦ୍ର ଖୋଲିବେ। ଇଭି କମ୍ପାନୀ ଅଭିଯୋଗ ନ ଶୁଣିଲେ ସରକାର ହସ୍ତକ୍ଷେପ କରିବେ। ରାଜ୍ୟର ୭ ସହରର ମୁଖ୍ୟ ରାସ୍ତାରେ ୩୦୦ ଇଭି ଚାର୍ଜିଂ ଷ୍ଟେସନ ଖୋଲାଯିବ। ପ୍ରତି ଇଭି ଚାର୍ଜିଂ ଷ୍ଟେସନ ପାଇଁ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବେ। ବ୍ୟାଟେରୀ ସ୍ୱାପିଂ ଷ୍ଟେସନ



ସ୍ଥାପନ ପାଇଁ ୨ ଲକ୍ଷ ଟଙ୍କା ରିହାତି ଦିଆଯିବ। ଏଥିସହ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ସହାୟତାରେ ମଧ୍ୟ ଇଭି ଚାର୍ଜିଂ ଷ୍ଟେସନ ଖୋଲାଯିବ। ସରକାରଙ୍କ ଇଭି ରିହାତି ପାଇବାକୁ ହେଲେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ। ୫ ବର୍ଷ ପର୍ଯ୍ୟନ୍ତ ବାଣିଜ୍ୟିକ ଇଭିର ମାଲିକାନା ପରିବର୍ତ୍ତନ କରାଯାଇ ପାରିବ ନାହିଁ। ପ୍ରଥମ ଥର ପାଇଁ ଇନ୍ଧନ ଚାଳିତ ଯାନକୁ ଇଭିରେ ପରିବର୍ତ୍ତନ କଲେ ସରକାର ୨୫ ରୁ ୩୦% ରିହାତି ପ୍ରଦାନ କରିବେ। ସାଧାରଣ ଯାନକୁ ଇଭିରେ ରୂପାନ୍ତରିତ କରିବା ପାଇଁ ଅନୁମତିପ୍ରାପ୍ତ କେନ୍ଦ୍ର ଖୋଲାଯିବ। ଘରୋଇ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ କେନ୍ଦ୍ରକୁ ଇଭି ବ୍ୟବହାର ପାଇଁ କୁହାଯିବ। *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୫୧ (+୨୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୩୦ (+୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୨୮୮ (+୧୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୦ (+୦)

## ଏକାଳ ପଖାଳ



ରାଜଧାନୀର ବିକାଶ ପାଇଁକି
କେତେ ଚାଲେ କସରତ
କଳିତ କରାଳେ ବଇଠକ ବିତେ
ତା'ପରେ ପୁଣି ମିତ
ମୁଣ୍ଡରେ ଚଢ଼ାନି ମିତ
ବାବୁ ଓ ନେତାଙ୍କର ଏଇମିତି ଚାଲେ
କିନ୍ତୁ ବିକାଶଟା ସତ।

# ଭାରତର ସମ୍ବିଧାନକୁ ନେଇ ଗର୍ବ ଅନୁଭବ ହେଉଛି



**ନୂଆଦିଲ୍ଲୀ, ୧୦।୯**

ନେପାଳ ବର୍ତ୍ତମାନ ରାଜନୈତିକ ଏବଂ ସାମାଜିକ ସଙ୍କଟ ସହିତ ସଂଘର୍ଷ କରୁଛି। ସୋମବାର ଆରମ୍ଭ ହୋଇଥିବା ଜେନ୍-ଜି ବିପ୍ଳବ ତୃତୀୟ ଦିନରେ ଟିକେ ଥଣ୍ଡା ପଡ଼ିଥିଲେ ବି ଶେଷ ହୋଇନାହିଁ। ସେନା ରାସ୍ତାକୁ ଓହ୍ଲାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ସୋମବାର ଆରମ୍ଭ ହୋଇଥିବା ଏହି ହିଂସା ମଙ୍ଗଳବାର ଆହୁରି ତୀବ୍ର ହୋଇଥିଲା। ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ନିଜ ପଦରୁ ଇସ୍ତଫା ଦେବା ସହ ତାଙ୍କ ଦଳର ଅନେକ ନେତା ଇସ୍ତଫା ଦେଇ ସରକାରୀ ବାସଭବନ ଛାଡ଼ିଥିଲେ। ନେପାଳରେ ଏଭଳି ସରକାର ବିରୋଧରେ ପ୍ରଦର୍ଶନ ଚାଲିଥିବା ବେଳେ ଭାରତର ସମ୍ବିଧାନକୁ ନେଇ ଗର୍ବ ଅନୁଭବ କରିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର. ଗବାଇ।

'ଆମେ ଆମର ସମ୍ବିଧାନ ପାଇଁ ଗର୍ବିତ। ସମସ୍ତେ ଦେଖୁଥିବେ ଯେ, ପଡୋଶୀ ଦେଶ ନେପାଳରେ କ'ଣ ଘଟୁଛି' ବୋଲି କହିଥିଲେ ପ୍ରଧାନ ବିଚାରପତି ବିଆର ଗବାଇ। ଏହା ଶୁଣି ଜଷ୍ଟିସ୍ ବିକ୍ରମ ନାଥ୍ କହିଥିଲେ, ବାଂଲାଦେଶରେ ମଧ୍ୟ। ବିଧାନସଭାଗୁଡ଼ିକ ଦ୍ୱାରା ଗୃହୀତ ବିଲ୍‌ଗୁଡ଼ିକର *(ପୃଷ୍ଠା ୭ରେ)*

# ନେପାଳ ପରେ ଫ୍ରାନ୍ସ ସ୍ଥିତି ଅସମ୍ଭାଳ



**ପ୍ୟାରିସ୍, ୧୦।୯**

ନେପାଳର ଜେନ ଜେଡ ବିକ୍ଷୋଭ ଯେଉଁଭଳି ହିଂସାତ୍ମକ ରୂପ ନେଇଥିଲା ଏବେ ୟୁରୋପୀୟ ଦେଶ ଫ୍ରାନ୍ସରେ ସମାନ ସ୍ଥିତି ଦେଖାଯାଇଛି। ଦେଶବ୍ୟାପୀ ଆନ୍ଦୋଳନ ସ୍ଥିତିକୁ ଅସମ୍ଭାଳ କରିଛି। ବୁଧବାର ବିକ୍ଷୋଭକାରୀ ଓ ପୁଲିସ୍ ମଧ୍ୟରେ ଦେଖିବାକୁ ମିଳିଛି ସଂଘର୍ଷ। ଆନ୍ଦୋଳନକାରୀ ରାସ୍ତା ରୋକ କରିଥିବା ବେଳେ ରାଜଧାନୀ ପ୍ୟାରିସ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରିଛନ୍ତି। ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନ ଓ ତାଙ୍କ ସରକାର *(ପୃଷ୍ଠା ୭ରେ)*





# ତୋରଣରେ ଝଲସିବ ଦକ୍ଷିଣ ଭାରତୀୟ କଳା ସଂସ୍କୃତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ନୂଆପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ଆୟୋଜିତ ହେଉଥିବା ମା'ଙ୍କ ପୂଜା ଏଥର ୩୮ ବର୍ଷରେ ପଦାର୍ପଣ କରୁଛି। ପ୍ରତିବର୍ଷ ଭଳି ସ୍ୱତନ୍ତ୍ରତା ବହନ କରୁଥିବା ଏହି ଅନୁଷ୍ଠାନ ଏବର୍ଷ ମଧ୍ୟ ନିଆରା ଆୟୋଜନ କରୁଛି। ତୋରଣରେ ଝଲସିବ ଦକ୍ଷିଣ ଭାରତର କଳା ସଂସ୍କୃତି। ପ୍ରସିଦ୍ଧ ତଥା ଅନନ୍ୟ ଲୋକ ନୃତ୍ୟର ବିଭିନ୍ନ ଦୃଶ୍ୟପଟକୁ ଜୀବନ୍ତ ରୂପ ଦେବାକୁ ପ୍ରୟାସ କରାଯାଉଥିବା ବେଳେ ଏହାକୁ ଶ୍ରଦ୍ଧାଳୁମାନେ ଅତି ପାଖରେ ଅନୁଭବ କରିବେ। ୭୫ ଫୁଟ ଉଚ୍ଚତା ଓ ୧୨୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ୧୬ ଫୁଟ ଉଚ୍ଚତାର ଦଶଭୁଜାଙ୍କ ମୂର୍ତ୍ତି ପୂଜା ପାଇବା ସହ ପାର୍ଶ୍ୱଦେବୀ ଦେବତାଙ୍କୁ ଦେଖିବାକୁ ମିଳିବ। ସେହିପରି ୨୨ ଫୁଟ ଜରିର ତାରକସି ମେଢ଼ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ତୋରଣ ନିର୍ମାଣରେ ରାଜ୍ୟ ବାହାରୁ ଆସିଥିବା ପାଖାପାଖି ୪୦ରୁ ଅଧିକ କାରିଗର ଲାଗିପଡ଼ିଛନ୍ତି। ସେହିପରି ମା'ଙ୍କ ମୂର୍ତ୍ତି ଗଙ୍ଗା ମାଟିରେ ନିର୍ମାଣ କରାଯାଉ ଥିବାବେଳେ ଏଥିରେ ମଧ୍ୟ ବଙ୍ଗଳାର କାରିଗର ମାନେ ନିୟୋଜିତ ଅଛନ୍ତି। ଏଥିସହ ମଣ୍ଡପକୁ ସୁସଜ୍ଜିତ ଓ ଆକର୍ଷଣ କରିବା ପାଇଁ ୧୦ଟି ବଡ଼ ରଙ୍ଗାରଙ୍ଗ ଲାଇଟ୍ ଗେଟ୍ ସହ ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ଡିଜାଇନ୍‌ର ଆଲୋକମାଳା ଶୋଭାବର୍ଦ୍ଧନ କରିବ। ଇନ୍ଦ୍ରଧନୁ ମାର୍କେଟଠାରୁ ଜୟଦେବ ବିହାର ରୋଡ଼ ଓ ରାସ୍ତାର ଆରପଟେ କଳିଙ୍ଗ ଷ୍ଟାଡିୟମ୍‌ଠାରୁ ନୟାପଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟନ୍ତ ଆକର୍ଷଣୀୟ ଆଲୋକମାଳାର ବ୍ୟବସ୍ଥା କରାଯାଇଛି। ସେହିପରି ପୂଜାକୁ ଆହୁରି ମନୋରମ କରିବା ପାଇଁ ମୀନା ବଜାରର ବ୍ୟବସ୍ଥା ରହିଛି। ଏଥିରେ ୧୨୦ ଷ୍ଟଲ୍ ରହିଥିବାବେଳେ ହସ୍ତତନ୍ତକୁ ସମୃଦ୍ଧ କରିବା ଲାଗି ନାବାର୍ଡ ପକ୍ଷରୁ ୯ଟି ଷ୍ଟଲ୍ ଖୋଲିବ। ସେହିପରି ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ମେଲୋଡ଼ି, ଭଜନ ସା, ରେକର୍ଡ ଡ୍ୟାନ୍ସ ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହ ପ୍ରତିଦିନ ୫ହଜାର ଭକ୍ତଙ୍କ ଲାଗି ପ୍ରସାଦ ବ୍ୟବସ୍ଥା ରହିଛି।

ଚଳିତବର୍ଷ ଦୁର୍ଗାପୂଜାକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ପାଖାପାଖି ୭୦ରୁ ୮୦ ଲକ୍ଷ ଟଙ୍କାର ବଜେଟ କରାଯାଇଛି। ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ, ମେଢ଼, ତୋରଣ ଏବଂ ଭସାଣି ଉତ୍ସବ ପାଇଁ ଖର୍ଚ୍ଚର ବିବରଣୀ ପ୍ରସ୍ତୁତ କରାଯାଇଛି। ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୭୦ଟି ସିସି କ୍ୟାମେରା ସହ ବଡ଼ବଡ଼ ଡିଜିଟାଲ ଏଲଇଡି ପରଦା ମାଧ୍ୟମରେ ଲାଇଭ୍ ପ୍ରଦର୍ଶନ ହେବ। ୨ଶହରୁ ଅଧିକ ସୁରକ୍ଷାକର୍ମୀ, ଆଖପାଖର ଏସ୍‌ଏସ୍‌ଜି ଗ୍ରୁପ୍ ଓ ପୋଲିସ୍ ମିତ୍ର ମଧ୍ୟ ସହଯୋଗ କରିବେ। ରାବଣପୋଡ଼ି ପଡ଼ିଆରେ ପାର୍କିଂ ବ୍ୟବସ୍ଥା ରହିଛି। ଭସାଣି ଉତ୍ସବରେ ସମସ୍ତ ମେଢ଼ ଗଙ୍ଗନଗର ଠାରେ ଏକତ୍ରିତ ହେବେ। ସେଠାରେ ଦେବୀଙ୍କ ପୂଜାର୍ଚ୍ଚନା ସରିବା ପରେ ମେଢ଼ସବୁ ଆଗପଛ ହୋଇ ପାରମ୍ପରିକ ବାଦ୍ୟ, ନୃତ୍ୟ ମଧ୍ୟରେ କୁଆଖାଇ ନଦୀକୂଳକୁ ଯିବେ। ସେଠାରେ ନିର୍ମିତ ଅସ୍ଥାୟୀ ପୁଷ୍କରିଣୀରେ ମା'ଙ୍କୁ ମେଲାଣି ଦିଆଯିବ।

## ଧାମରା ସଡ଼କ ଦୁର୍ଘଟଣା ଜଣେ ମୃତ, ଜଣେ ଆହତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମରା ନିକଟସ୍ଥ କଇଥଖୋଲା ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଦୋସିଙ୍ଗା ଅଞ୍ଚଳର ୨ଯୁବକ ଦୋସିଙ୍ଗାକୁ ଫେରୁଥିବା ସମୟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଦୋସିଙ୍ଗା ସମିପାଟିଆ ଗ୍ରାମର ରାଜୁ ଖାଟୁଆଙ୍କର ମୃତ୍ୟୁ ହୋଇଥିବା ବେଳେ ବାଇକ୍ ପଛରେ ବସିଥିବା ମୁନ୍ନା ଜେନା ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ରାଜୁ ଖାଟୁଆଙ୍କର ମୃତ୍ୟୁ ଘୋଷଣା କରିଥିବା ବେଳେ ମୁନ୍ନା ଜେନାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ।

## ଡାକ୍ତରଖାନାରେ ମିଳୁନି କ୍ୟାନ୍ସର ଔଷଧ

# କେମୋ ପାଇଁ ଛଟପଟ ହେଉଛନ୍ତି ରୋଗୀ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଡାକ୍ତରଖାନାରେ ମିଳୁନି କ୍ୟାନ୍ସର ଔଷଧ। କେମୋ ପାଇଁ ଛଟପଟ ହେଉଛନ୍ତି ରୋଗୀ। ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ଓ କେମୋ ଥେରାପିର ବ୍ୟବସ୍ଥା ରହିଛି। ହେଲେ ମାଲକାନଗିରି ଜିଲ୍ଲାରେ ମାସ ମାସ ଧରି ବିଭିନ୍ନ ଡାକ୍ତରଖାନାରେ କ୍ୟାନ୍ସର ଔଷଧ ଉପଲବ୍ଧ ନହେବାରୁ କେମୋ ଚିକିତ୍ସାରୁ ବଞ୍ଚିତ ରୋଗୀ। କର୍କଟ ରୋଗ ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଛି କର୍କଟ ପ୍ରଶମନ କେନ୍ଦ୍ର। କେମୋ ଚିକିତ୍ସା ପାଇଁ ରହିଛି ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା। ହେଲେ ଅଧିକାଂଶ ଜିଲ୍ଲାରେ ମିଳୁନି ଏହି ସୁବିଧା। ମାଲକାନଗିରି ଜିଲ୍ଲା ପରକନମାଲା ଗାଁର ଜଗନ୍ନାଥ କ୍ୟାନ୍ସର ରୋଗରେ ପୀଡ଼ିତ। କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ୩ଟି କୋମୋ ନେଇଥିଲେ। ପରବର୍ତ୍ତୀ କେମୋ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନେବା ଲାଗି ପରାମର୍ଶ ଦେଇ ଘରକୁ ପଠାଇ ଦେଇଥିଲେ କଟକର ଡାକ୍ତର ପ୍ରଶାନ୍ତ ପରିଡ଼ା। ଡାକ୍ତରଙ୍କ ପରାମର୍ଶ କ୍ରମେ କେମୋ ନେବାକୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ ଜଗନ୍ନାଥ। ହେଲେ ଏଠାରେ ଔଷଧ ନଥିବା ଜାଣି ନିରାଶ ହୋଇଛନ୍ତି।

କର୍କଟ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ସବୁ ରୋଗୀ କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର କି ଘରୋଇ ଡାକ୍ତରଖାନାକୁ ଯାଇ କେମୋ ନେବା ସହଜ ନୁହେଁ। ତେଣୁ ରୋଗୀଙ୍କ ସୁବିଧା ପାଇଁ ରାଜ୍ୟର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ରୋଗ ଚିକିତ୍ସା ଓ ପ୍ରଶମନ କେନ୍ଦ୍ର ରହିଛି। ୫ ବର୍ଷ ତଳୁ ଏହାର ଶୁଭାରମ୍ଭ କରିଛନ୍ତି ପୂର୍ବ ସରକାର। ହେଲେ ୪ ମାସ ହେବ ମାଲକାନଗିରି ଡେ' କେୟାର କେମୋ ଥେରାପି ସେଣ୍ଟରରେ ଔଷଧ ଅଭାବ ରହିଛି। ଏନେଇ ଓଡ଼ିଶା ଔଷଧ ନିଗମକୁ ଅବଗତ କରାଯାଇ ଥିବା କହିଛନ୍ତି ଡାକ୍ତର।

# ଓଡ଼ିଆ ସମ୍ବାଦପତ୍ର ପାଇଁ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ ଦାବି

### ୧୫ରେ କୋରାପୁଟରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ସାଧାରଣ ପରିଷଦ ବୈଠକ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଆଗାମୀ ବୈଠକ ଆସନ୍ତା ସେପଟେମ୍ବର ୧୫ ତାରିଖ ଦିନ ପୂର୍ବାହ୍ନ ୧୦ଟା ସମୟରେ କୋରାପୁଟ ସହରର ଜଗନ୍ନାଥ ମନ୍ଦିର ପରିଚାଳିତ ଅତିଥି ଭବନ ସଭା କକ୍ଷଠାରେ ଅନୁଷ୍ଠିତ ହେବ। ଏହି ସଭାରେ ଯୋଗଦେବା ନିମନ୍ତେ ଆସୁଥିବା ସମ୍ପାଦକ ଓ ପ୍ରକାଶକମାନଙ୍କ ରହଣି ନିମନ୍ତେ ପ୍ରସ୍ତୁତି କମିଟି ପକ୍ଷରୁ ୧୫ ତାରିଖ ପାଇଁ ସଭା କକ୍ଷ ନିକଟସ୍ଥ ମୈତ୍ରୀ ପରିସରରେ କେ.ବି.କେ. ସମାଚାରର ସମ୍ପାଦକ ତଥା ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଅଭ୍ୟର୍ଥନା କମିଟି ଏହି ବୈଠକ ନିମନ୍ତେ ସମସ୍ତ ଆୟୋଜନ କରୁଅଛନ୍ତି।

ଏ ସମ୍ପର୍କରେ ବୈଠକରେ ମୁଖ୍ୟତଃ ଓଡ଼ିଆ ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରନ୍ତୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସମ୍ବାଦପତ୍ର ପାଇଁ ନୀତି ନିର୍ଦ୍ଧାରଣ କରାଯାଉ, ସମ୍ବାଦପତ୍ର ସମ୍ପାଦକ ଓ ମାଲିକମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯିବା। ସରକାରୀ ସ୍ୱୀକୃତି ପାଇଁ ଆବେଦନ କରିଥିବା ସମସ୍ତ ଖବର କାଗଜଗୁଡ଼ିକର ସ୍ୱୀକୃତି ପ୍ରଦାନ ସମ୍ପର୍କରେ ତ୍ୱରିତ ନିଷ୍ପତ୍ତି ଗ୍ରହଣ କରାଯିବା। ସାମ୍ବାଦିକ ଓ ସମ୍ପାଦକ ମାନଙ୍କ ପାଇଁ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯିବା। ସମ୍ପାଦକ ମାନଙ୍କୁ ଟୋଲ ଗେଟମାନଙ୍କରେ ନିଃଶୁଳ୍କ ଯାତାୟାତର ବ୍ୟବସ୍ଥା କରାଯିବା ସହ ସାଙ୍ଗଠନିକ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ ବୋଲି ସଂଗଠନର ଅଧ୍ୟକ୍ଷ ରବି ରଥ ସୂଚନା ଦେଇଛନ୍ତି।

## ତୁଷୁରା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ତୁଷୁରା ଏନ୍‌ଏସି ଅନ୍ତର୍ଗତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ଡ. ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇ ଯାଇଛି। ଏଥିରେ ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ, ରଞ୍ଜିତା ନାଗ, ବିନ୍ଦୁ ମାହାଣା ଓ ଆକାଂକ୍ଷା ରାଣୀ ଯୋଶୀ ତଥା ପରିଚାଳନା ସମିତିର ସଦସ୍ୟ ସଦସ୍ୟା ଓ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ସଭା ଶେଷରେ ସମସ୍ତେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ସହ ଜନ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ନାରା ଦେଇଥିଲା।

## ଡାକ୍ତରୀ ଛାତ୍ରଙ୍କୁ ଛୁରି ଦେଖାଇ ମୋବାଇଲ ଲୁଟ୍ : ୨ ଗିରଫ



**ରେଙ୍ଗାଲି କ୍ୟାମ୍ପ, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ହୀରାକୁଦ ଡାଇକ ତଳେ ବୁର୍ଲା। ଭୀମସାରର ଡାକ୍ତରୀ ଛାତ୍ର ଅବଦୁଲ ଜୈନୁଲ ଅବିଦିନ ବସିଙ୍କୁ ଛୁରି ଦେଖାଇ ମୋବାଇଲ ଲୁଟ୍ କରିବା ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜୈନୁଲ ଜଳଖିଆ ଖାଉଥିବା ସମୟରେ ହଠାତ୍ ଦୁଇ ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ତାଙ୍କୁ ଛୁରି ଦେଖାଇ ୨ଟି ମୋବାଇଲ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଗଣେଶ ବାରିକ୍ ଓ ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଶେଷରେ ସମ୍ବଲପୁର ଧନୁପାଲିର ଶୁଭମ୍ କୁସୁମ (୨୨) ଓ ନିଖିଲ ବେହେରା (୨୧)ଙ୍କୁ ଗିରଫ କରିଥିଲେ। ସେମାନଙ୍କ ପାଖରୁ ଦେଢ଼ ଲକ୍ଷ ଟଙ୍କାର ଦୁଇଟି ମୋବାଇଲ, ଗୋଟିଏ ସ୍କୁଟି, ଛୁରୀ ଓ ନଗଦ ୬୩୦ ଟଙ୍କା ଜବତ କରାଯାଇଛି।

## ଲଗାଣ ବର୍ଷାରେ ପୁଣି ଧୋଇଗଲା ଗୁମାଡ଼ି ପୋଲ ରାସ୍ତା



**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ଲଗାଣ ବର୍ଷାରେ ପୁଣି ଧୋଇଗଲା ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତ ଅନ୍ତର୍ଗତ ଗୁମାଡ଼ି ପୋଲ ଡାଇଭର୍ସନ ରାସ୍ତା। ପ୍ରବଳ ବର୍ଷା ଯୋଗୁଁ ପୁଣି ଡାଇଭର୍ସନ ରାସ୍ତା ଧୋଇଯିବାରୁ ପଞ୍ଚାୟତବାସୀ ହନ୍ତସନ୍ତ ହେଉଥିବା ବେଳେ ଉକ୍ତ ରାସ୍ତା ଯାତାୟାତ କରୁଥିବା ଗାଡ଼ି ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାରିଙ୍ଗବାଡ଼ି ଅଞ୍ଚଳରେ ଲଗାଣ ବର୍ଷା ଫଳରେ ଗତ ଜୁଲାଇ ମାସରେ ଉକ୍ତ ରାସ୍ତା ଉପରେ ୪ରୁ ୫ଫୁଟ ପାଣି ଯାଉଥିବା ବେଳେ ସମ୍ପୂର୍ଣ୍ଣ ରାସ୍ତା ଧୋଇ ଯାଇଥିଲା। ଏହି ରାସ୍ତା ୫ଟି ପଞ୍ଚାୟତକୁ ସଂଯୋଗ କରୁଛି। ୨ମାସ ତଳେ ଏହି ଭଳି ସମାନ ଘଟଣା ଘଟିଥିବା ବେଳେ ରାତିରେ ପ୍ରବଳ ବର୍ଷା ଯୋଗୁଁ ପୁନର୍ବାର ଗୁମାଡ଼ି ପୋଲର ଡାଇଭର୍ସନ ରୋଡ ଧୋଇଯାଇଛି। ନିମ୍ନ କାମର କାର୍ଯ୍ୟ ଯୋଗୁଁ ଏଭଳି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ବଡ଼ଚଣା ଥାନା ଅଧିକାରିଣୀଙ୍କ ବଦଳିକୁ ନେଇ ଅସନ୍ତୋଷ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଅଚାନକ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରାଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ତେବେ ଏହି ବଦଳି ଖବର ପ୍ରଚାରିତ ହେବା ପରେ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ଥାନା ପରିସରରେ ଶତାଧିକ ଜନ ସାଧାରଣ ଓ ବଜରଙ୍ଗ ଦଳର କର୍ମକର୍ତ୍ତା ଏକତ୍ର ହୋଇ ତାଙ୍କ ବଦଳି ବାତିଲ କରିବାକୁ ଦୃଢ଼ ଦାବି କରିଥିଲେ। ଅସନ୍ତୋଷ ଜନତାଙ୍କ ନିକଟରେ ଥାନା ଅଧିକାରିଣୀ ପହଞ୍ଚି ପ୍ରତିବାଦ ନ କରିବାକୁ ପରାମର୍ଶ ଦେଇଥିଲେ। ଜନତାଙ୍କ ନିକଟରେ ଥାନା ଅଧିକାରିଣୀ ପହଞ୍ଚିବା ପରେ ସେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ସୂଚନା ଥାଉକି, ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ଯୋଗ ଦେବାର ୪ ମାସ ଭିତରେ ୧୧ଟି ବେଆଇନ ଗୋ'ଚାଲାଣ କରୁଥିବା ଗାଡ଼ିକୁ ଜବତ କରିବାରେ ଯାଜପୁର ଜିଲ୍ଲାରେ ବଡ଼ ସଫଳତା ପାଇଥିଲେ। ଅନ୍ୟପକ୍ଷରେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରୁ ଏଭଳି ବେଆଇନ ଗୋଚାଲାଣ ହେଉଥିବା ଖବର ନ ଥିବା ବେଳେ ବଡ଼ଚଣା ଥାନା ଅଞ୍ଚଳରୁ ଗାଡ଼ି ଜବତ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଯାହାକି ଅନ୍ୟ ଥାନାର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ଅଧିକାରିଣୀ ଏଭଳି ବେଆଇନ ଗୋ'ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିବାରୁ ତାଙ୍କ ବିରୋଧରେ ଗୋ'ମାଫିଆ ଓ ଦଲାଲମାନେ ଷଡ଼ଯନ୍ତ୍ର କରି ଏଠାରୁ ବଦଳି ପାଇଁ ଲାଗି ପଡ଼ିଥିଲେ। ରାଜନୈତିକ ଚାପରେ ତାଙ୍କୁ ବଦଳି କରାଯାଇଥିବା ଅସନ୍ତୋଷକାରୀମାନେ ଅଭିଯୋଗ କରିଛନ୍ତି।

## ଅଧିବକ୍ତା ପରିଷଦ ପକ୍ଷରୁ ଜେଲ୍ ଓ ସଖି ଗୃହ ପରିଦର୍ଶନ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଅଧିବକ୍ତା ପରିଷଦ, ସୋନପୁର ତରଫରୁ ଅଧିବକ୍ତା ତଥା ଜିଲ୍ଲା ଅଧିବକ୍ତା ପରିଷଦର ସଭାପତି ବଳଦେବ ପଧାନ ସଭାପତିତ୍ୱରେ ସମ୍ପାଦକ ଦଶରଥ ମିଶ୍ରଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସମ୍ପର୍କ ପ୍ରମୁଖ ରାଜେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକାରିଣୀ ସବିତା ପଣ୍ଡା, ପ୍ରିତିପ୍ରଜ୍ଞା ପୁରୋହିତ, ମଧୁମିତା ପରମଗୁରୁ, ଶ୍ରୀକାନ୍ତ ଦାସ, ସମ୍ଭୁ ପ୍ରସାଦ ବିଶି, ମୋନଜ ପଣ୍ଡା, ଶ୍ରାବଣ ପ୍ରଧାନ, ତପନ ଯୁଆଡ଼ି ଜିଲ୍ଲା କାରାଗାର ଓ ସଖୀଗୃହ ପ୍ରଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା କାରାଗାର ଥିବା କଏଦୀମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ସ୍ୱଚ୍ଛତା, ମାନବ ଅଧିକାର ଓ ନ୍ୟାୟିକ ସହାୟତା ବିଷୟରେ ବୁଝା ସୁଝା କରିଥିଲେ। ତା'ପରେ ସୋନପୁର ପେଲେସ ଗାର୍ଡେନର ଥିବା ସଖୀ ଗୃହ ମଧ୍ୟ ସମସ୍ତ ସୋନପୁର ଅଧିବକ୍ତା ପରିଷଦ କାର୍ଯ୍ୟକର୍ତ୍ତା ପରିଦର୍ଶନ କରିଥିଲେ। ଏହି ସମୟରେ ମହିଳାମାନଙ୍କ ଗୃହରେ ଥିବା ବ୍ୟବସ୍ଥା ବୁଝିବା ସହ, ମାନବ ଅଧିକାର, ତଥା ନ୍ୟାୟିକ ଓ ସାମାଜିକ ସହାୟତା ଦେବାରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ମାନଙ୍କୁ ନେଇ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ ସହାୟକ କଲେକ୍ଟର ଭୀମକାନ୍ତ ମାଝି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅମ୍ଳାନ ଅନୁପମ ସେନାପତି ସହିତ ତ୍ରିବେଣୀ ଏନ୍‌ଜିଓର ରଞ୍ଜୁଲତା ଗାହାଣ ଓ ଆକାଂକ୍ଷା ଏନ୍‌ଜିଓର ମାନସୀ ମାଢ଼ମ ପ୍ରଶିକ୍ଷକ ଭାବେ ଉପସ୍ଥିତ ଥିଲେ। ସେମାନେ ପି.ଇ.ଓ.ମାନଙ୍କୁ ବିଭିନ୍ନ ପ୍ରକାର ବିପଦ ସମୟରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସତର୍କତା, ପ୍ରାୟୋଗିକ ପଦକ୍ଷେପ ଓ ସରକାରୀ ସମନ୍ୱୟ ପ୍ରକ୍ରିୟା ବିଷୟରେ ପରାମର୍ଶ ଦେଇଥିଲେ। ନିବାସୀୟ ପ୍ରଶିକ୍ଷଣରେ ପି.ଇ.ଓ.ମାନେ ବିପଦ ସମୟରେ ଜନସାଧାରଣଙ୍କୁ ସୁରକ୍ଷାରେ ରଖିବା, ସମୟୋଚିତ ସହାୟତା ପହଞ୍ଚାଇବା ଓ ସରକାରୀ ସମନ୍ୱୟକାରୀ ଭାବେ କାର୍ଯ୍ୟ କରିବା ବିଷୟରେ ମୂଳଭୂତ ଜ୍ଞାନ ଲାଭ କରୁଛନ୍ତି।

# ସ୍ମାର୍ଟସିଟିବାସୀଙ୍କ ପାଇଁ ନିୟମିତ ବିମାନ ସେବା ସ୍ୱପ୍ନ ପାଲଟିଲା

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**



ରାଉରକେଲା ଆକାଶରେ ବିମାନ ଉଡୁନି, ଏପଟେ ବିକାଶର ଚକ ଗଡୁନି। ସ୍ମାର୍ଟସିଟିବାସୀଙ୍କ ପାଇଁ ନିୟମିତ ବିମାନ ସେବା ସ୍ୱପ୍ନ ପାଲଟିଥିବା ବେଳେ ଏହି ସେବା ଅଭାବରୁ ସ୍ମାର୍ଟସିଟିର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ର ଭଳି ସବୁକିଛି ବ୍ୟାପକ ପ୍ରଭାବିତ ହେଉଛି। ୨୦୨୩ ପୁରୁଷ ହକି ବିଶ୍ୱକପ ବେଳେ ରାଉରକେଲାରେ ବହୁ ପ୍ରତୀକ୍ଷିତ ବିମାନସେବା ଆରମ୍ଭ ହେଲା। ଏହା ଦ୍ୱାରା ଜିଲ୍ଲାବାସୀଙ୍କ ମଧ୍ୟରେ ଏକ ନୂଆ ଉତ୍ସାହ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ନାନାଦି କାରଣରୁ ଏହା ବାତିଲ ହେଉଥିଲେ ମଧ୍ୟ ପୁନର୍ବାର ସେବା ସ୍ୱାଭାବିକ ହେଉଥିଲା, କିନ୍ତୁ ଗତ ଜୁଲାଇ ୧୬ରୁ ବାତିଲ ହୋଇଥିବା ବିମାନସେବା ଆଉ ଆରମ୍ଭ ହୋଇପାରୁ ନ ଥିବାରୁ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି। ରାଉରକେଲାରେ ଏନଆଇଟି ଭଳି ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ରାଜ୍ୟର ଏକମାତ୍ର ବୈଷୟିକ ବିଶ୍ୱବିଦ୍ୟାଳୟ ବିପିୟୁଟି ରହିଛି। ଏନଆଇଟିରେ କେବଳ ଦେଶର ବିଭିନ୍ନ ରାଜ୍ୟରୁ ନୁହେଁ ବରଂ ବିଦେଶର ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଶ୍ରୀଲଙ୍କା, କାନାଡ଼ା, ଭୁଟାନ, ନେପାଳ, ମରିସସ ଆଦି ଦେଶର ଶିକ୍ଷାର୍ଥୀ ଅଧ୍ୟୟନ ପାଇଁ ଏଠାକୁ ଆସୁଥିବା ବେଳେ ସେମାନଙ୍କ ଅଭିଭାବକ ମଧ୍ୟ ଆସିଥାନ୍ତି। କେବଳ ସେତିକି ନୁହେଁ ଏନଆଇଟିକୁ ବିଭିନ୍ନ ସମୟରେ ବିଦେଶରୁ ଫାକଲ୍‌ଟିମାନେ ଆସି ଶିକ୍ଷାଦାନ କରୁଛନ୍ତି। ସ୍ୱଳ୍ପ ସମୟରେ ପହଞ୍ଚି ଶିକ୍ଷାଦାନ କରି ପୁଣି ଫେରିଯିବା ଅସମ୍ଭବ ହେଉଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେହିପରି ବିପିୟୁଟିକୁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟର ଛାତ୍ରଛାତ୍ରୀ ଆସୁଛନ୍ତି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଉରକେଲା ବହୁ ପଛରେ ଥିବାବେଳେ ଏଠାରେ ଥିବା ସୁପର ସ୍ପେସାଲିଟି ହସ୍ପିଟାଲରେ ପୂର୍ବରୁ ଥିବା ବିଶେଷଜ୍ଞ ଡାକ୍ତରମାନେ ଯୋଗଯୋଗ ବ୍ୟବସ୍ଥାର ଅଭାବ ପାଇଁ କଲକାତା ଏବଂ ଦକ୍ଷିଣଭାରତ ଭଳି ନିଜ ରାଜ୍ୟକୁ ଫେରିଯାଉଛନ୍ତି। ଏହାସହ ଦେଶର ବିଭିନ୍ନ ଶାଖାରେ ଥିବା ବିଶେଷଜ୍ଞ ଡାକ୍ତରମାନେ ମଧ୍ୟ ଏହି ଯୋଗାଯୋଗ ବ୍ୟବସ୍ଥା ପାଇଁ ଆସିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଶିଳ୍ପ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି। ଶିଳ୍ପ ସମୃଦ୍ଧ ସୁନ୍ଦରଗଡ଼ ଜିଲାରେ ରାଉରକେଲା ଇସ୍ପାତ କାରଖାନା ସମେତ ୨୧ଟି ବୃହତ ଶିଳ୍ପ, ୨୧ଟି ମଧ୍ୟମ ଶିଳ୍ପ, ୫୩ଟି କ୍ଷୁଦ୍ର ଶିଳ୍ପ ସହ ବହୁ ସଂଖ୍ୟାରେ ଅଣୁ ଶିଳ୍ପ ରହିଛି। ସ୍ଥାନୀୟ ଶିଳ୍ପପତିଙ୍କ ସହ ବାହାରୁ ଆସୁଥିବା ଶିଳ୍ପପତିଙ୍କ ପାଇଁ ବିମାନ ସେବା ଅଭାବ ଏକ ପ୍ରମୁଖ ସମସ୍ୟା ସୃଷ୍ଟି କରିଛି। ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ଯୋଗାଯୋଗ ବ୍ୟବସ୍ଥା ପାଇଁ ବହୁ ମାତ୍ରାରେ ପ୍ରଭାବିତ ହେଉଛି। ହକି ବିଶ୍ୱକପ ବେଳେ ବିମାନସେବା ପାଇଁ ଦେଶ ବିଦେଶର ଦର୍ଶକଙ୍କୁ ଏଠାରେ ଦେଖିବାକୁ ମିଳୁଥିଲା। ପରବର୍ତ୍ତୀ ସମୟରେ ବିମାନସେବାର ଅବ୍ୟବସ୍ଥା ଏହାକୁ ପ୍ରଭାବିତ କରିଛି। ଗତ ମେ ଏବଂ ଜୁନ ମାସର ଏକ ଚିତ୍ରକୁ ଦେଖିଲେ ଏଠାକୁ କେବଳ ୨ମାସରେ ୩୦ଜଣ ପର୍ଯ୍ୟଟକ ଆସିବା ସହ ୧୧୫ଦିନ ବିତାଇଛନ୍ତି। ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଏହି ୨ମାସରେ ୪୨୪୬୩ ପର୍ଯ୍ୟଟକ ଆସିଛନ୍ତି। ଏହାକୁ ଦେଖିଲେ ନିୟମିତ ଓ ପୂର୍ଣ୍ଣାଙ୍ଗ ବିମାନସେବା ଏହି କ୍ଷେତ୍ରର ଅଭିବୃଦ୍ଧିକୁ ଏକ ନୂଆରୂପ ଦେଇପାରନ୍ତା ବୋଲି ଆଶା ପ୍ରକାଶ ପାଇଛି।

ଆଲିୟାନ୍ସ ଏୟାରର ଚୁକ୍ତିନାମା ଅକ୍ଟୋବର ମାସରେ ଶେଷ ହେବ। ଝାରସୁଗୁଡ଼ା ପରି ଏଠାରେ ବିକଳ୍ପ ବିମାନସେବା ପାଇଁ ଦାବି ହେଉଛି। ସ୍ଥାନୀୟ ସାଂସଦ ନୀରବତା ଅବଲମ୍ବନ କରୁଥିବା ବେଳେ ଜିଲ୍ଲାର ଲୋକପ୍ରତିନିଧିଙ୍କ ସ୍ୱର ମଧ୍ୟ ଶାଣିତ ହେଉନାହିଁ। ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀଙ୍କ ଅନୁରୋଧ କ୍ରମେ ରାଜ୍ୟ ସରକାର ପତ୍ର ଲେଖି ତାଙ୍କର ଦାୟିତ୍ୱ ସାରି ଦେଇଛନ୍ତି। ତେଣୁ ରାଉରକେଲା ପାଇଁ ନିୟମିତ ଓ ପୂର୍ଣ୍ଣାଙ୍ଗ ବିମାନସେବା ଜରୁରୀ ହୋଇପଡ଼ିଛି।

# 'ଏନଏସି ଘୋଷଣା ପ୍ରତ୍ୟାହାର ନ ହେଲେ ଆଇନର ଆଶ୍ରୟ ନେବୁ'

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପଞ୍ଚମ ଅନୁସୂଚୀତ ଅଞ୍ଚଳରେ ଏନଏସି ଗଠନ କରିବା ନେଇ ରାଜ୍ୟ ସରକାରଙ୍କ ଘୋଷଣାକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଏନେଇ ଆଦିବାସୀ ସେଙ୍ଗେଲ ଅଭିଯାନ ସହିତ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନଏସି ପ୍ରତ୍ୟାହାର କରାନଗଲେ ଆଗକୁ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଯଦି ଅଞ୍ଚଳର ବିକାଶ କରିବାର ଅଛି ତେବେ ରାଜ୍ୟ ସରକାର ବିଭାଗୀୟ ପାଣ୍ଠି ବୃଦ୍ଧି କରିବାକୁ ଦାବି କରିଛନ୍ତି। ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ୭ଟି ନୂଆ ପୌରପାଳିକା ଓ ୧୬ଟି ଏନଏସି ଗଠନ କରିବାକୁ ଘୋଷଣା କରାଯାଇଛି। ଯେଉଁଥିରେ କି ପଞ୍ଚମ ଅନୁସୂଚୀତ ଅଞ୍ଚଳରେ ମଧ୍ୟ ଏନଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ଗଠନ କରିବାକୁ ଘୋଷଣା କରାଯାଇଛି। ତେବେ ଯଥାଶୀଘ୍ର ଉକ୍ତ ପଞ୍ଚମ ଅନୁସୂଚୀ ଅଞ୍ଚଳର ଏନଏସି ଗଠିତ ଘୋଷଣାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରାଯାଇଛି। କାରଣ, ଭାରତରେ ଭାରତ ସରକାରଙ୍କ ଦ୍ୱାରା ଜିଲ୍ଲା ଆଧାରିତ ପଞ୍ଚମ ଅନୁସୂଚୀ ଅଞ୍ଚଳ ଚିହ୍ନଟ କରାଯାଇଛି ଏବଂ ଉକ୍ତ ଅନୁସୂଚୀ ଅଞ୍ଚଳରେ ପେସା ଆଇନ ଲାଗୁ କରାଯାଇଛି। ଏହି ଆଇନ ଦ୍ୱାରା ଅନୁସୂଚୀ ଅଞ୍ଚଳକୁ ବିକାଶ କରିବାର ବ୍ୟବସ୍ଥା ରହିଛି। ପେସା ଆଇନ ଦ୍ୱାରା ସର୍ବାଙ୍ଗୀନ ଉନ୍ନତି ପାଇଁ ଗ୍ରାମ-ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ବିଭାଗକୁ କାର୍ଯ୍ୟଭାର ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ଦର୍ଶାଯାଇଛି। ତେଣୁ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନଏସି ଗଠନ କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଏହାର ପ୍ରାବଧାନ ମଧ୍ୟ ନାହିଁ ଉଲ୍ଲେଖ କରାଯାଇଛି। ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନଏସି ଗଠନ କରିବା ଘୋଷଣା ଅସାମ୍ବିଧାନିକ ଅଟେ ଏବଂ ସମ୍ବିଧାନ ବିରୋଧୀ ଅଟେ। ଅର୍ଥାତ୍ ଅନୁସୂଚୀ ଜିଲ୍ଲା ଗୁଡ଼ିକରେ ଏନଏସି ଗଠନ କରାଗଲେ ପେସା ଆଇନ ସହ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ବିଭାଗର କ୍ଷମତା କ୍ଷୁଣ୍ଣ ହୋଇଯିବ ବୋଲି କୁହାଯାଇଛି। ପଞ୍ଚମ ଅନୁସୂଚୀ ଅଞ୍ଚଳକୁ ଯଦି ବିକାଶ କରିବାର ଅଛି, ତେବେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ପାଣ୍ଠି ବୃଦ୍ଧି କରାଯିବାକୁ ଦାବି କରାଯାଇଛି। ତେଣୁ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନଏସି ଘୋଷଣାକୁ ବିରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ ନିଜେ ପଞ୍ଚମ ଅନୁସୂଚୀ ଜିଲ୍ଲାରେ ଆଦିବାସୀ ହୋଇ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଏନଏସି ଘୋଷଣା କରାଯିବା ଘୋଷଣା ଅତି ଲଜ୍ଜାର ବିଷୟ ଅଟେ। ଯାହାକୁ ସଂଗଠନ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ତେବେ ଓଡ଼ିଶାର ପଞ୍ଚମ ଅନୁସୂଚୀ ଜିଲ୍ଲାରେ ଏନଏସି ଘୋଷଣାକୁ ପ୍ରତ୍ୟାହାର କରାନଗଲେ ସେଙ୍ଗେଲ ସଂଗଠନ ନେତୃତ୍ୱରେ ଆଦିବାସୀ ସମାଜର ସହଯୋଗରେ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ବାରିପଦା ସେଙ୍ଗେଲ ଜୋନାଲ କମିଟିର ସଭାପତି ସହ ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ବେଳେ ବାରିପଦା ଜୋନାଲ କମିଟିର ଉପସଭାପତି ବାହାଦୁର ମୁର୍ମୁ, ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, କପ୍ତିପଦା ଉପଖଣ୍ଡ ସେଙ୍ଗେଲ ପାର୍ଗାନା ଉଦୟନାଥ ହେମ୍ବ୍ରମ, ମାଝୀଆ ହାଁସଦାଃ, ବୁଧିରାମ ଟୁଡୁ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।

## ଜୟପୁର ସି.ଟି. ହାଇସ୍କୁଲରେ କିଛି ଜାଣିବା କିଛି ଜଣେଇବା କାର୍ଯ୍ୟକ୍ରମ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସି.ଟି. ହାଇସ୍କୁଲ ଠାରେ, ସିୱା ଅନୁଷ୍ଠାନ ଜୟପୁର ଦ୍ୱାରା ଆୟୋଜିତ ହୋଇଯାଇଛି କିଛି ଜାଣିବା କିଛି ଜଣେଇବା-ଜଣା ଅଜଣା କାର୍ଯ୍ୟକ୍ରମ, 'ରାମାୟଣ କୁଇଜ'। କୋମଳମତି ପିଲାଙ୍କ ମନ-ହୃଦୟରେ ଆଧାତ୍ମିକ ଭାବ ଜାଗ୍ରତ କରିବା ତଥା ଜଣେ ମଣିଷ ପରି ମଣିଷ କରାଇବା ପାଇଁ ଚେଷ୍ଟା କରିବା, ବଡ଼ଙ୍କୁ ସମ୍ମାନ ଏବଂ ଛୋଟକୁ ସ୍ନେହ, ମଣିଷ ପ୍ରତି ଭକ୍ତି, ପରିବେଶ ସହିତ ଶୃଙ୍ଖଳିତ ଜୀବନଯାପନ କରିବା ଭଳି ଏକ ନୂଆ ରୂପରେ କୁଇଜ ମାଧ୍ୟମରେ ପିଲାଙ୍କୁ ମଣିଷ ଧର୍ମ ବିଷୟରେ ଅବଗତ କରେଇବା ପାଇଁ ଏକ ପ୍ରୟାସ କରିଥିଲା ଅନୁଷ୍ଠାନ। ଆୟୋଜିତ କୁଇଜରେ ବିଭିନ୍ନ ବିଦ୍ୟାଳୟରୁ ୧୮ ଗୋଟି ବିଦ୍ୟାଳୟରୁ ମୋଟ ୧୫୭ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଲେଖକ, ଗାଳ୍ପିକ, ସୁବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ନଳିନୀ ରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀରାମଙ୍କର ଯାତ୍ରା, ରାମାୟଣର ବର୍ତ୍ତମାନ ଯୁଗରେ ଆବଶ୍ୟକତା ତଥା, ପ୍ରତ୍ୟେକ କର୍ତ୍ତବ୍ୟ ପରାୟଣ ହେବାର କଳା ଜାଣିବା ଦରକାର ବୋଲି କହିଥିଲେ। ଏସବୁ ଶୁଣିବା ପରେ ଅଭିଭାବକ ତଥା ଶିକ୍ଷକ ଏବଂ କର୍ମକର୍ତ୍ତା ମଧ୍ୟରେ ଭୁରି ଭୁରି ପ୍ରଶଂସା ଶୁଣିବାକୁ ମିଳିଥିଲା। ପିଲାମାନେ ଏଭଳି କାର୍ଯ୍ୟକ୍ରମରେ ଭାଗ ନେଇ ନିଜକୁ ଧନ୍ୟ ମନେ କରୁଛୁ ବୋଲି କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ନାଟ୍ୟକାର, କଣ୍ଠଶିଳ୍ପୀ, ଭାଗବତ ଶିକ୍ଷା ପ୍ରଦାୟକ ଆଧାତ୍ମିକ ପାଠଶାଳାର ମୁଖ୍ୟ ପ୍ରବଚକ ଅନିଲ ମହାପାତ୍ର ଏବଂ ପ୍ରବଚିକା ସୋନାଲି ପତି ମହୋଦୟା, ବିଦ୍ୟାଳୟର ସମ୍ପାଦକ ଶଶୀ ଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ସମୟରେ ସିୱା ଅନୁଷ୍ଠାନର ସଭାପତି ସୁଧାକର ପଟ୍ଟନାୟକ ସଭାକୁ ସଞ୍ଚାଳନ କରିଥିବା ସମୟରେ ଅନୁଷ୍ଠାନର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥିଲା। ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ, ଦ୍ୱିତୀୟ, ତୃତୀୟ, କନିଷ୍ଠ ବିଭାଗରେ ପ୍ରଥମ ଦ୍ୱିତୀୟ ତୃତୀୟ ତଥା ୬ ଜଣ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ପ୍ରଥମେ ଲିଖିତ ଏବଂ ପରେ ମୌଖିକ କୁଇଜ୍ କରାଯାଇଥିଲା।

ଏହି କାର୍ଯ୍ୟକ୍ରମଟି ଜି. ଭେଙ୍କଟ. ରେଡ୍ଡି ପରିଚାଳନା କରିଥିବା ସମୟରେ, ସହ ସମ୍ପାଦକ ସୌମ୍ୟ ରଞ୍ଜନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଲିପିକା ପାତ୍ର, ଅଜୟ ମିଶ୍ର, ପ୍ରତାପ ପଟ୍ଟନାୟକ, ଗୋପାଳ ସାହୁ, ନଳିନୀ ପାତ୍ର, ରଂଜିତ ନାୟକ, ସିୱା ଅନୁଷ୍ଠାନର ମହିଳା ବିଭାଗର ସଭାପତି ସୁମନ ମୁନ୍ଦ୍ରକ୍ଷ, ଆନନ୍ଦ ମୁନ୍ଦ୍ରକ୍ଷ, ପ୍ରଦୀପ୍ତ ସାହୁ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୧ ସେପ୍ଟେମ୍ବର ୨୦୨୫ ଗୁରୁବାର





# ସିଲ୍କନାନୋ ଜେଲ୍ ଇଞ୍ଜେକ୍ଟର ଡିଭାଇସ୍‌କୁ ଭାରତ ସରକାରଙ୍କ ଅନୁମୋଦନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ପଦ୍ମଲୋଚନ ହେମ୍ବ୍ରମ୍‌ଙ୍କ ସମେତ ଇରାନ୍‌ର ଜଣେ, ବେଙ୍ଗାଲୁରୁ ୨ଜଣ ଏବଂ ଓଡ଼ିଶାର ୬ ଜଣ ଗବେଷକ, ଗବେଷିକାଙ୍କ ମିଳିତ ଉଦ୍ୟମରେ ସିଲ୍କନାନୋ ଜେଲ୍ ଇଞ୍ଜେକ୍ଟର ଡ଼ିଭାଇସ୍ ମଡ଼େଲ୍ ପ୍ରସ୍ତୁତି ହୋଇଛି । ଏହି ମଡ଼େଲ୍ ପ୍ରସ୍ତୁତି କରିବାକୁ ପ୍ରାୟ ୨ ବର୍ଷ ସମୟ ଲାଗିଥିଲା । ଏହି ମଡ଼େଲ୍‌ଟିକୁ ଚଳିତ ବର୍ଷ ମଇ ୧୫ ତାରିଖରେ ଭାରତ ସରକାରଙ୍କ ପେଟେଂଟ୍ କାର୍ଯ୍ୟାଳୟରେ ପଞ୍ଜିକୃତ କରାଯାଇଥିଲା । ସେଠାରେ ଏହାକୁ ତର୍ଜମା କରି ଅଗଷ୍ଟ ୨୯ରେ ଭାରତ ସରକାରଙ୍କ ପକ୍ଷରୁ ଅନୁମୋଦନ ପତ୍ର ମିଳିଥିଲା । ଏନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ପଦ୍ମ ଲୋଚନ ହେମ୍ବ୍ରମ୍‌ଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ପୃଥିବୀରେ ଏହି ମଡ଼େଲଟି ପ୍ରଥମ । ସିଲ୍କନାନୋ ଜେଲ୍ ଇଞ୍ଜେକ୍ଟର ଡ଼ିଭାଇସ୍ ହେଉଛି ଏକ ନୂତନ ପ୍ଲାଟ୍‌ଫର୍ମ, ଯାହା ନିୟନ୍ତ୍ରିତ ଓ ଲକ୍ଷ୍ୟ ଭିତ୍ତିକ ଔଷଧ ପ୍ରଦାନ ପାଇଁ ବ୍ୟବହୃତ ହୁଏ । ସିଲ୍କ ଫାଇବ୍ରୋଇନ୍ ଆଧାରିତ ନାନୋଜେଲ୍ ବ୍ୟବହାର କରି, ଏହାରେ ଜୀବସହିଷ୍ଣୁତା, ଜୀବ ବିଲୟନଶୀଳତା ଓ ସମନ୍ୱୟଶୀଳ ଯାନ୍ତ୍ରିକ ଶକ୍ତିଥାଏ । ଯାହା ନିରାପଦ ଔଷଧ ପ୍ରଶାସନକୁ ସୁନିଶ୍ଚିତ କରେ । ଏହି ଇଞ୍ଜେକ୍ଟର ରୋଗାକ୍ରାନ୍ତ ତନ୍ତ୍ରକୁ ସିଧାସଳଖ ଔଷଧ ଦେଇ, ସାରା ଶରୀରରେ ହେବାକୁ ଥିବା ପ୍ରତିକୂଳ ପ୍ରଭାବକୁ କମାଇଥାଏ ଓ ଚିକିତ୍ସାକୁ ଅଧିକ କାର୍ଯ୍ୟକ୍ଷମ କରେ । ଏହାର ନାନୋସ୍ତରୀୟ ଗଠନ ଦ୍ୱାରା ବିଭିନ୍ନ ପ୍ରକାର ଔଷଧ ପ୍ରୋଟିନ୍, ପେପ୍ଟାଇଜ୍ ଓ ସ୍ମଲ୍ ମଲିକ୍ୟୁଲ୍ ସହଜରେ ଗୋଟେଇ ଏନକାପସୁଲେଟ କରାଯାଇ, ଦୀର୍ଘକାଳୀନ ଓ ପ୍ରୋଗ୍ରାମ୍‌ଡ୍ ରିଲିଜ୍ ପ୍ରୋଫାଇଲ୍ ଦେଇଥାଏ । ଏହି ପ୍ରଣାଳୀ କ୍ୟାନ୍ସର, ବିଭିନ୍ନ ଘା, କ୍ଷତ ସ୍ଥାନ, ପୁନଃ ଜୀବନ ଚିକିତ୍ସାରେ ବିଶେଷ ଉପକାରୀ । ସଠିକ୍ ଭାବରେ ଔଷଧ ପ୍ରଦାନ କରି କମ୍ ଆକ୍ରାମକ ଉପାୟରେ ରୋଗୀଙ୍କ ଫଳାଫଳକୁ ଉନ୍ନତ କରେ । ସିଲ୍କନାନୋ ଦ୍ୱାରା ବିଭିନ୍ନ ରୋଗର ଭିନ୍ନ ଭିନ୍ନ ପ୍ରକାର ଔଷଧର ପରିମାଣ ପ୍ରୟୋଗ କରି ସଠିକ୍ ସ୍ଥାନରେ ପହଞ୍ଚିବ । ଔଷଧର ପ୍ରୟୋଗକୁ ଓ ଫଳାଫଳକୁ ମନିଟରରେ ଦେଖିବା ସହ ଟ୍ରାକିଂ ମଧ୍ୟ କରାଯାଇପାରିବ ବୋଲି କହିଛନ୍ତି । ଆଗାମୀ ଦିନରେ ଏହା ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରାଯିବ । ଏହାଦ୍ୱାରା ଲୋକେ ଉପକୃତ ଚିକିତ୍ସା ସହ କମ୍ ପରିମାଣର ଔଷଧ ବ୍ୟବହାର ହୋଇପାରିବ ବୋଲି କହିଛନ୍ତି । ସେ ପୂର୍ବରୁ ଗଛ ମାନଙ୍କରେ ଜିନ୍ ପ୍ରୟୋଗ କରି ଏହାକୁ ମଣିଷ ପାଇଁ କିଭଳି ବ୍ୟବହାର ହେବ, ସେହିଠାରୁ ହିଁ ମଡ଼େଲ୍ ପ୍ରସ୍ତୁତି ପାଇଁ ପ୍ରୟାସ ଆରମ୍ଭ କରିଥିଲେ ବୋଲି କହିଛନ୍ତି । ଏହିଭଳି ମଡ଼େଲ୍ ପ୍ରସ୍ତୁତି କରି ଭାରତ ସରକାରଙ୍କ ଠାରୁ ଅନୁମୋଦନ ପତ୍ର ପାଇଁ ଥିବାରୁ ବିଶ୍ୱ ବିଦ୍ୟାଳୟରେ ପ୍ରଶଂସାର ସୁଅ ଛୁଟିଛି ।



# ୧୨ ଜୁଆଡ଼ି ଗିରଫ:ଲକ୍ଷାଧିକ ଟଙ୍କା ଜବତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଆରମ୍ଭ ହେଲା ଦଶହରା, ଜିଲ୍ଲାର ଗାଁ ଗୁଡିକରେ ଜମିଲା ଜୁଆଡିଙ୍କ ମେଳା। ପୋଲିସର ମୁଣ୍ଡବ୍ୟଥା ବଢ଼ିଲା। ରାତିରେ ଭେଡେନ ଥାନା ଅନ୍ତର୍ଗତ କୁଦୋପାଲି ଗ୍ରାମରେ ଘୁଡ ଘୁଡୁ ପଟ୍ଟିରେ ଜୁଆ ଖେଳ ଚାଲିଥିବା ଖବରପାଇ ପୋଲିସ ପକ୍ଷରୁ ଚଢଉ କରାଯାଇଥିଲା। ଘଟଣାସ୍ଥଳରୁ ପୋଲିସ ୧୨ ଜଣ ଜୁଆଡିଙ୍କୁ ଗିରଫ କରିଥିଲେ। ସେଠାରୁ ୧ ଲକ୍ଷ ୭୬ ହଜାର ୯୬୦ ଟଙ୍କା ନଗଦ ଜବତ କରିଥିବା ବେଳେ ୨୧ ବାଇକ୍, ବୋଲେରୋ, ଅର୍ଟିକା, ଟାଟା ନେକ୍ସନ କାର୍ ସହ ୧୫ ମୋବାଇଲ, ଘୁଡ଼ ଘୁଡ଼ି ପଟ୍ଟି ଜବତ କରିଥିଲେ।

# ବିଅର୍ କମ୍ପାନୀରେ ଜଳ ସମ୍ପଦ ବିଭାଗର ଚଢ଼ଉ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଅର କମ୍ପାନୀର ପିଛା ଛାଡୁନି ବିବାଦ। ଚଳିତ ବର୍ଷ ବିଭିନ୍ନ ବିଭାଗ ତରଫରୁ ବହୁବାର ତନଖି କରିବା ପାଇଁ ଆସିଲେଣି ବହୁ ଅଧିକାରୀ। କେବେ ବର୍ଜ୍ୟ ପାଣି ସମସ୍ୟା ତ କେବେ ଉଜୁଡୁ ଥିବା ଫସଲ ପାଇଁ ଚାଷୀଙ୍କ ସମସ୍ୟା ପୁଣି କେବେ ପ୍ରଦୂଷଣ ସମସ୍ୟା । ସୋମବାର ଦେଖିବାକୁ ମିଳିଛି ଆଉ ଏକ ସମସ୍ୟା। ଟାଙ୍ଗି ଥାନା ଅଧିନ ବରପଦା ସ୍ଥିତ ସୋମ ଡିଷ୍ଟିଲାରୀ ଆଣ୍ଡ ବ୍ରେବାରିସ ପ୍ରାଇଭେଟ୍ ଲିମିଟେଡ (ବିଅର୍ କମ୍ପାନୀ)ରେ ଜଳ ସମ୍ପଦ ବିଭାଗର ଅଧିକାରୀମାନେ ଅଚାନକ୍ ପହଞ୍ଚି ଚଢ଼ଉ କରି ଫେରିଛନ୍ତି। ସୂଚନା ମୁତାବକ ଗତ ଅପ୍ରେଲ ମାସରେ ଟାଙ୍ଗୀ ସାଲେପୁର ବିକାଶ ମଞ୍ଚ ତରଫରୁ ବିଧାୟକ ପ୍ରାର୍ଥୀ ଥିବା ବିଶ୍ୱେଶ୍ୱର୍ ସ୍ୱାଇଁ ଭୁବନେଶ୍ୱର ସ୍ଥିତ ସେଚ ଭବନରେ ଅଭିଯୋଗ କରିଥିଲେ । ଅଭିଯୋଗ ଥିଲା ଆବଶ୍ୟକତା ଠାରୁ ବହୁ ଅଧିକ ଜଳ ବ୍ୟବହାର କରିବା ଦ୍ୱାରା ଭୂତଳ ଜଳ ସ୍ତର୍ ହ୍ରାସ ପାଇଛି। ଫଳରେ ଆଖପାଖ ତିନୋଟି ପଞ୍ଚାୟତର ଲୋକମାନେ ଜଳ କଷ୍ଟ ଅନୁଭବ କରୁଛନ୍ତି । ଏହି ଅଭିଯୋଗ ଆଧାରରେ ଭୁବନେଶ୍ୱର ଜଳ ସେବା ବିଭାଗ ତରଫରୁ ମୁଖ୍ୟ ଯନ୍ତ୍ରୀ ଓ ଅଧିକାରୀମାନେ ତଦାରଖ କରି ଫେରିଛନ୍ତି । କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ କିଛି କହିବାକୁ ପ୍ରସ୍ତୁତ ନଥିଲେ ମଧ୍ୟ ସେମାନଙ୍କର ଭାବ ଭଙ୍ଗୀରୁ ଅନେକ କିଛି ଲୁଚାଉଥିବା ବାରିହୋଇପଡ଼ିଛି । ଅନ୍ୟପଟେ ସେଚ ଭବନର ଇଞ୍ଜିନିୟର ଇନ୍ ଚିଫ୍ ଲିଙ୍ଗରାଜ ଗଉଡ କମ୍ପାନୀର ଜଳ ବ୍ୟବହାର ତଦାରଖ ପାଇଁ ସ୍ୱତନ୍ତ୍ର ଦଳ ଯାଇଥିବା କଥା ସୂଚନା ଦେଇଥିଲେ ମଧ୍ୟ ତଦାରଖର ତଥ୍ୟ ହସ୍ତଗତ ହୋଇନଥିବା ପ୍ରକାଶ କରିଛନ୍ତି ।



# ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ପଟଭାଡିରୁ ଅପହୃତ ବାଳକକୁ ପୁରୀରେ ଠାବ କଲା ପୋଲିସ । ମଧ୍ୟପ୍ରଦେଶର ତିନି ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ଅପହୃତ ନାବାଳକକୁ ରାତି ୧ଟାରେ ପୁରୀ ମାର୍କେଟ୍ ଛକ ସ୍ଥିତ ମହାଓ୍ୱର ଗେଷ୍ଟ୍ ହାଉସ୍‌ରୁ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ମଧ୍ୟପ୍ରଦେଶର ୩ ଜଣ ଅଭିଯୁକ୍ତ ପୁରୀରୁ ଖସିଯାଇଛନ୍ତି । ତେବେ ସେମାନେ ବ୍ୟବହାର କରୁଥିବା କାର୍ ଓ ଏକ ମାଉଜରକୁ ଜଗନ୍ନାଥ ବଲ୍ଲଭ ପାର୍କିଂରେ ପୋଲିସ ପାଇଛି । ୭ ତାରିଖ ରାତି ସୋନପୁର ସହର ୧୦ ନମ୍ବର ଓ୍ୱାର୍ଡ଼ର ପଟାଭାଡ଼ିରୁ ବାଳକକୁ ଅପହୃତ କରଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ପୁରୀ ଏସ୍‌ପି ଏସ୍ ପ୍ରତୀକ ସିଂହ ଓ ସିଟିଡିଏସ୍‌ପିଙ୍କ ଉଦ୍ୟମରେ ବିଭିନ୍ନ ଥାନାର ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତନାଘନା ଚଳାଇଥିଲେ । ପୋଲିସ ଡିଜି ଏବଂ ଉତ୍ତରାଞ୍ଚଳ ଆଇଜିଙ୍କ ତତ୍ୱାବଧାନରେ ପୁରୀ ଓ ସୁବର୍ଣ୍ଣପୁର ଏସ୍‌ପିଙ୍କ ଉଦ୍ୟମରେ ଦୁଇଟି ସାଇବର ଟିମ୍‌ଙ୍କ ପ୍ରଚେଷ୍ଟାରେ ଅପହୃତ ନାବାଳକକୁ ସୁରକ୍ଷିତ ଉଦ୍ଧାର କରିଥିବା ବିଷୟ ଏସ୍‌ପି ପ୍ରକାଶ କରିଛନ୍ତି । ଏନେଇ ଆଇଜି ହିମାଂଶୁ ଲାଲ ସୋନପୁର ପୋଲିସ ମୁଖ୍ୟାଳୟରେ ଡେରା ପକାଇଥିଲେ । ସୁବର୍ଣ୍ଣପୁର ଜିଲ୍ଲା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସକାଳେ ପୁରୀ ପହଞ୍ଚି ପୁରୀ ପୋଲିସ ପାଖରୁ ସୁରକ୍ଷିତ ଭାବେ ଆଣି ସୋନପୁର ଥାନାରେ ଅପହୃତ ନାବାଳକର ବାପା ଶ୍ରଦ୍ଧାକର ନାଏକ ଓ ମାଆ ମନ୍ଦାକିନୀ ନାଏକଙ୍କୁ ହସ୍ତାନ୍ତର କରିଥିବା ବିଷୟ ସନ୍ଧ୍ୟାରେ ସୁବର୍ଣ୍ଣପୁର ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ ବାଳକର ବାପା ମାଆ ଆଗରେ ସବୁ ବିଷୟ ସୂଚନା ଦେଇଛନ୍ତି । ଟଙ୍କା ପାଇଁ ଆୟୁଷକୁ ଅପହରଣ କରିନିଆଯାଇଥିବା କଥା ଅପହୃତ ନାବାଳକର ବାପା ମାଆ ସୁବର୍ଣ୍ଣପୁର ପୋଲିସକୁ ଓ ସାମ୍ବାଦିକଙ୍କୁ କହିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ସୋନପୁର ସହର ପଟାଭାଡ଼ିର ଉକ୍ତ ବାଳକ ଆୟୁଷ ରବିବାର ନିକଟସ୍ଥ ଏକ ଫାଷ୍ଟଫୁଡ ଦୋକାନକୁ ଚାଉମିନ ଖାଇବାକୁ ଯାଇଥିଲା । ସେଠାରୁ ବାଳକକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରି ନିଆଯାଇଥିବା ପରିବାର ଲୋକେ ରବିବାର ରାତି ୧ଟାରେ ଥାନାରେ ଅଭିଯୋଗ କରିଥିଲେ । ଯାହାକି ୨୦ ଲକ୍ଷ ଟଙ୍କା ଦାବି କରି ଦୁର୍ବୃତ୍ତ ବାରମ୍ବାର ଫୋନ୍ ଚାର୍ଟିଂ ମାଧ୍ୟମରେ ଶ୍ରଦ୍ଧା କରକୁ ଧମକ ଦେଉଥିବା ବିଷୟ ସୂଚନା ମିଳିଛି । ସୁବର୍ଣ୍ଣପୁର ପୋଲିସ ଏକ ମାମଲା ରୁଜୁ କରି ତିନି ଗୋଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ଛାନ୍‌ଭିନ୍ ଜାରି ରଖିଥିଲା ବୋଲି ଏସ୍‌ପି ନାରାୟଣ ନାଏକ ଏହି ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭିଯୁକ୍ତ ମାନଙ୍କୁ ଧରିବା ପରେ ଅପହରଣର ଅସଲ କାରଣ ଜଣାପଡିବ ବୋଲି ଏସ୍‌ପି କହିଥିଲେ ।




# ହାଇଓ୍ୱା ଧକ୍କାରେ ୨ ଚାଷୀଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ଚଢ଼େଇଧରା ଢେଙ୍କାନାଳ ରାସ୍ତାର ମୁଦୁଲିକ୍ରସର ନିକଟରେ ହାଇଓ୍ୱା ଧକ୍କାରେ ୨ ଜଣ ଚାଷୀଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ରାତିରେ ଚଢ଼େଇଧରା ଗ୍ରାମର ନବଘନ ପରିଡା (୬୨) ଓ ସନିଆ ପ୍ରଧାନ (୫୬) ନିଜ ଚାଷଜମି ଜଗିବା ପାଇଁ ଯାଇଥିଲାବେଳେ ତାଙ୍କ ଉପରେ ବାରମାଣ ଆଡୁ କଳାପଥର ବୋଝେଇ ହାଇଓ୍ୱା ଆସି ଚଢ଼ି ଯାଇଥିଲା । ସେମାନଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଜେନାପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି । ସେଠାରେ ଉତ୍ତେଜନା ପ୍ରକାଶ ପାଇଛି । ମୃତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି ।

# ଚୋରା ମଦ ଜବତ:୨ ମହିଳା ସମେତ ୮ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ରାଜକନିକା, କେନ୍ଦ୍ରାପଡ଼ା ଟାଉନ୍, ତନ୍ତିଆପାଳ ମେରାଇନ୍ ଓ ଆଳି ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ମଢ଼ିଆଳ ଗ୍ରାମର ରବୀନ୍ଦ୍ର କୁମାର ସାହୁଙ୍କ ଠାରୁ ୧୯ ଲିଟର ଦେଶୀ ରନ୍ଧା ମଦ, ବଳଗଣ୍ଡି ଗ୍ରାମର ଚିତ୍ତରଞ୍ଜନ ସାହୁଙ୍କ ଠାରୁ ୨୧ ଲିଟର ଦେଶୀ ରନ୍ଧା ମଦ, କଜଳା ଗ୍ରାମର ରାହାସ ଦାସଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ତନ୍ତିଆ ଗ୍ରାମର ବକୁଳ ଜେନାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ବାଜରପୁର ଗ୍ରାମର ନରତମ ବିଶ୍ୱାଳଙ୍କ ଠାରୁ ୧୩ ଲିଟର ଦେଶୀ ମଦ, ବଂଶରିଆ ଗ୍ରାମର ଦ୍ରୁପଦୀ ମଳିକଙ୍କ ଠାରୁ ୧୧ ଲିଟର ବିଦେଶୀ ମଦ, ବାଳକାଟୀ ଗ୍ରାମର ଆରତୀ ମଳିକଙ୍କ ଠାରୁ ୧୬ ଲିଟର ବିଦେଶୀ ମଦ ଓ ସୁନିତି ଗ୍ରାମର ପଞ୍ଚାନନ ମଳିକଙ୍କ ଠୁ ୨୭ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୬୬ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇ ୨ ମହିଳା ସମେତ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ଏବଂ ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ନରେଶ କୁମାର ପଣ୍ଡା, କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ସମ୍ ହସ୍ପିଟାଲ୍‌ରେ ଅଙ୍ଗଦାନକାରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ସୋମବାର ଜଣେ ୫୨ ବର୍ଷୀୟ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଠାରୁ ଯକୃତ ବାହାର କରାଯାଇ ଭୁବନେଶ୍ୱରର ଅନ୍ୟ ଏକ ହସ୍ପିଟାଲ୍‌ରେ ଚିକିତ୍ସାଧିନ ଥିବା ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପ୍ରେରଣ କରାଯାଇଥିବା ବେଳେ ମଙ୍ଗଳବାର ହସ୍ପିଟାଲ୍ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ ଶରୀରକୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ଗତ ଅଗଷ୍ଟ ୩୧ରେ ଏକ ସଡ଼କ ଦୁର୍ଘଟଣାରେ ଗଭୀର ଆଘାତ ପାଇଥିବା ଜଣେ ସୁରକ୍ଷା କର୍ମୀଙ୍କୁ ଚିକିତ୍ସା ନିମନ୍ତେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌କୁ ଅଣାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ରବିବାର ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା । ତାଙ୍କ ମୃତ୍ୟୁ ପରେ ପରିବାର ସଦସ୍ୟମାନେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ତାଙ୍କର ଅଙ୍ଗଦାନ କରିବା ନିମନ୍ତେ ନିଷ୍ପତି ନେଇଥିଲେ । ଗାର୍ଡ ଅଫ୍ ଅନର ପ୍ରଦାନ ସମୟରେ ସମ୍ ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍କରାଜ ସାମନ୍ତସିଂହାର, ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଜ୍ୟୋତିର୍ମୟ ଜେନା, ଡିଜିଏମ୍ ଅପରେସନ୍ସ ପୁଷ୍ପାଞ୍ଜଳୀ ରାଉତ, ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ କାବେରୀ ରାଣୀ ସାହୁ ଓ ତାଙ୍କ ଟିମ୍, ଜୁନିୟର ହସ୍ପିଟାଲ୍ ଆଡମିନିଷ୍ଟ୍ରେଟର ସାଗର ପାଇକରାୟ ଓ ସରୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।



# ସର୍ପ ଦଂଶନରେ ଭାଇ ଭଉଣୀଙ୍କ ମୃତ୍ୟୁ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ବିଷାକ୍ତ ସାପ କାମୁଡ଼ାରେ ଦୁଇ ଭାଇ ଭଉଣୀ ମୃତ । ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ରାଜପୁର ଗ୍ରାମରେ । ଠିକ୍ ସମୟରେ ସାପ କାମୁଡି ଥିବା ଦୁଇ ଶିଶୁଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରିବର୍ତ୍ତେ ଗୁଣିଆ ପାଖକୁ ନେଇଥିଲେ । ଯାହାଫଳରେ ସମୟ ନଷ୍ଟ ହୋଇଥିଲା, ଯେତେବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଗଲା ବିଳମ୍ବ ହୋଇଯାଇଥିଲା । ଦୁଇ ଶିଶୁଙ୍କ ଜୀବନ ଅକାଳରେ ଚାଲିଯାଇଥିଲା । କେବଳ ସଚେତନତା ଅଭାବ ଯୋଗୁ ଦୁଇ ଶିଶୁ ମୃତ୍ୟୁବରଣ କରିଥିଲେ । ଅନ୍ୟପକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିୟମିତ ସଚେତନ କରାଯାଉଛି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କିନ୍ତୁ ଲୋକମାନେ ଚିକିତ୍ସାଳୟ ଆଣିବାରେ ବିଳମ୍ବ କରୁଥିବା ଯୋଗୁ ଏହିଭଳି ଅଘଟଣ ଘଟୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି । ରଜପୁରର ଏହି ପରିବାର ସମସ୍ତ ଛ ଜଣ ସଦସ୍ୟ ଖାଇସାରି ଗୋଟିଏ କୋଠରୀରେ ଶୋଇଥିଲେ । ମୃତ୍ୟୁବରଣ କରିଥିବା ଭାଇ ରତୁରାଜ ହରିଜନ ୯ ମାସ ବୟସ ଓ ଭଉଣୀ ଅମିତା ହରିଜନ ଏଗାର ବର୍ଷ । ଏହି ଦୁଇ ଜଣ ମଝିରେ ଶୋଇଥିଲେ । ରାତି ପ୍ରାୟ ଏଗାରଟା ସମୟରେ ଏକ ରତୁରାଜ ଓ ଅମିତା ପାଟି କରିବାରୁ ପରିବାର ଲୋକ କିଛି କାମୁଡିଥିବା ଅନୁମାନ କରି ଖୋଜାଖୋଜି କରିବା ସମୟର ଏକ ବିରାଟ ଚିତି ସାପ ଦେଖି ସାପ କାମୁଡିଥିବା ଜାଣିପାରି ପରିବାର ଲୋକେ ପ୍ରଥମେ ଦୁଇ ଶିଶୁକୁ ସ୍ଥାନୀୟ ଗୁଣିଆ ପାଖରେ ନେଇ ଚିକିତ୍ସା କରିଥିଲେ କିନ୍ତୁ ଗୁଣିଆ କିଛି ସମୟ ଝଡା ଫୁଙ୍କା କରି ସ୍ୱାସ୍ଥ୍ୟବସ୍ଥା ଅଧିକ ବିଗିଡିବାରୁ ରାତି ପ୍ରାୟ ଦୁଇଟା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପରାମର୍ଶ ଦେଇଥିଲେ । ପରିବାର ଲୋକ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପ୍ରାୟ ଭୋର୍ ୪ଟା ସମୟରେ ଆଣିଥିଲେ କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଲୋକଙ୍କ ସଚେତନତାର ଅଭାବ ଯୋଗୁ ଲୋକେ ଚିକିତ୍ସାଳୟ ଉପରେ ଭରସା ନକରି ଗ୍ରାମାଞ୍ଚଳର ଲୋକେ ଏବେ ମଧ୍ୟ ଗୁଣିଆ ଦିଶାରୀଙ୍କୁ ଭରସା କରି ଚିକିତ୍ସା କରୁଛନ୍ତି । ସାପ କାମୁଡିବା ପରେ ଏକ ଗୋଲ୍‌ଡେନ୍ ସମୟ ଥାଏ ସେହି ସମୟ ମଧ୍ୟରେ ରୋଗୀଙ୍କୁ ଚିକିତ୍ସାଳୟ ପହଞ୍ଚାଇଲେ ରୋଗୀ ମୃତ୍ୟୁବରଣ କରିନଥାନ୍ତି କିନ୍ତୁ ଯାହା ଆଜି ଏହି ଗୋଲ୍‌ଡେନ୍ ସମୟ ମଧ୍ୟରେ ରୋଗୀଙ୍କୁ ଚିକିତ୍ସାଳୟ ପରିବର୍ତ୍ତେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଆ ପାଖକୁ ନେଇଥିଲେ । ଫଳରେ ଏପରିକି ଦୁଇ ଦୁଇଟି ଜୀବନ ଚାଲିଯାଇଛି ବୋଲି ଚର୍ଚ୍ଚା ଚଲିଛି । ଅନ୍ୟପଟେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବରେ ବିଳମ୍ବ ହୋଇଗଲା ତୁରନ୍ତ ଯଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥାନ୍ତା ତାହେଲେ ହୁଏତ ଦୁଇଜଣ ବଞ୍ଚି ଯାଇପାରିଥନ୍ତେ । ଗ୍ରାମାଞ୍ଚଳରେ ସଚେତନ ଜାରି ରହିଛି ତଥାପି ଆହୁରି ସଚେତନର ଆବଶ୍ୟକତା ରହିଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ କୁମାର୍ ପଣ୍ଡା ପ୍ରକାଶ କରିଛନ୍ତି । ସର୍ପ ଦଂଶନ ପରେ ଭୟଭୀତ ନହୋଇ ରୋଗୀକୁ ନିକଟସ୍ଥ ଚିକିତ୍ସାଳୟ ନେବାକୁ ସଚେତନତା କରାଯାଉଛି କିନ୍ତୁ ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ । ଯାହାଫଳରେ ଜିଲ୍ଲାରେ ପ୍ରତିବର୍ଷ ସର୍ପ ଦଂଶନରେ ୧୨୦ ରୁ ୧୩୦ ଜଣଙ୍କ ମୃତ୍ୟୁ ଘଟୁଛି । ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କଲେ ମୃତ୍ୟୁ ସଂଖ୍ୟା କମି କମି ଯିବ ।

# ବିଦ୍ୟୁତ୍ ଆଘାତରେ ଗାଡ଼ିଚାଳକ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ତାରିଣୀଛକ ନିଆକଟରେ ବିଦ୍ୟୁତ୍ ଆଘାତରେ ଜଣେ ଗାଡି ଚାଳକଙ୍କ ମୃତ୍ୟୁ ଘଟିଛି । ତାରିଣୀ ଛକ ନିକଟରେ ଥିବା ଆପୋଲଟାୟାର ଦୋକାନ ସମ୍ମୁଖରେ ଜଣେ ହାଇଓ୍ୱା ଗାଡିଚାଳକ ଗାଡି ରଖି ମରାମତି ପାଇଁ ଗାଡିଡାଲା ଟେକିବା ସମୟରେ ଅସାବଧାନତାରୁ ଉପରେ ଥିବା ୧୧ କେଭି ତାର ସମ୍ପର୍କରେ ଆସି ଗୁରୁତର ଭାବେ ଆଘାତ ପାଇଥିଲା । ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ତାକୁ ସଙ୍ଗେ ସଙ୍ଗେ ବଡ଼ଚଣା ସ୍ୱାସ୍ଥକେନ୍ଦ୍ରକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଗାଡି ଚାଳକ ଗୁରୁଡି ଝଟିଆ ଥାନା ଗୋବରା ରାଜବଲ୍ଲଭପୁର ଗ୍ରାମର ସୁଦାମଚନ୍ଦ୍ର ଗୋଛି ବୋଲି ଜଣାପଡିଛି । ଜେନାପୁର ପୋଲିସ ମୃତ ଦେହକୁ ଜବତ କରି ତଦନ୍ତ କରୁଛି ।



# ୨୯୨ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ:ବେପାରୀ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ଚନ୍ଦକା ଅଞ୍ଚଳରୁ ଜଣେ ଧଳା ଜହର ବେପାରୀଙ୍କୁ ଗିରଫ୍ କରିବାରେ ସଫଳ ହୋଇଛି । ଅଭିଯୁକ୍ତଙ୍କ ଠାରୁ ୨୯୨ ଗ୍ରାମ୍ ବ୍ରାଉନ୍ ସୁଗାର ସମେତ ପଲ୍ସରଏନ୍‌ଏଚ୍ ୧୨୫ ଗାଡ଼ି ଜବତ କରାଯାଇଛି । ଅଭିଯୁକ୍ତ ଜଣକ ସରୋଜ ପରିଡ଼ା (୨୭) ଗ୍ରାମ ପାଣିଓରା ଥାନା ଚନ୍ଦକା ବୋଲି ଜଣାପଡିଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବିଭାଗୀୟ ଅଧିକାରୀ କହିଛନ୍ତି । ଉକ୍ତ ଚଢ଼ଉରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଆଇଆଇସି ଧିରେନ କୁମାର ବେହେରା,ଏସ୍‌ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏସ୍‌ଆଇ ବିଭୁତି ଭୂଷଣ ପ୍ରଧାନ, ଏଏସ୍‌ଆଇ କିଶୋର ଚନ୍ଦ୍ର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ୫ ଫେରାର୍ ଶିକାରୀଙ୍କ ଆତ୍ମସମର୍ପଣ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବନ୍ୟଜନ୍ତୁ ଶିକାର ଘଟଣାରେ ଜଡିତ ୫ ଜଣ ଫେରାର୍ ଶିକାରୀ ବନ ବିଭାଗ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟ୍‌ଓ୍ୱର୍କ, ବନ କର୍ମଚାରୀ ଏବଂ ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ସହାୟତା ଯୋଗୁ ସେମାନେ ନିଜକୁ ଆତ୍ମ ସମର୍ପଣ କରିଛନ୍ତି । ସେମାନେ ହେଲେ ଶରତ ଥାନା ଅନ୍ତର୍ଗତ କାଟୁରିଆ ଗ୍ରାମର ଚମ୍ପାଇ ସିଂ (୪୮), ପ୍ରଧାନ ସିଂ (୨୮), କର ସିଂ (୩୦), କନ୍ଦ ଗାଗରାଇ (୩୫), ଅଇଁଠୁ ସିଂ (୪୦), ରାମ ସିଂ ଗାଗରାଇ (୨୫) ଓ ଠାକୁରା ସୋରେନ (୨୫) । ସେମାନଙ୍କ ପାଖରୁ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଛି । ଶିକାର ଘଟଣାରେ ଜଡିତ ଥାଇ ଏମାନେ ଫେରାର୍ ରହିଥିଲେ । ପୋଡାଡିହା ବନ୍ୟ ରେଞ୍ଜ କାର୍ଯ୍ୟାଳୟରେ ସରପଞ୍ଚ ଏବଂ ଓ୍ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ନିଜକୁ ଆତ୍ମ ସମର୍ପଣ କରିଛନ୍ତି । ଏହାସହିତ ଗ୍ରାମର ଅନ୍ୟ ଶିକାରୀମାନେ ମଧ୍ୟ ଶିକାର ଛାଡି ସମାଜର ଆଗକୁ ମୁଖ୍ୟ ସ୍ରୋତରେ ସାମିଲ୍ ହେବେ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ଘଟଣାରେ ସମୁଦାୟ ୭ଟି ଦେଶୀ ବନ୍ଧୁକ ଜବତ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୧।୯।୨୦୨୫, ଭାଦ୍ରବ ଦି୨୬ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୫।୩୩।୧୭ **ଚନ୍ଦ୍ରୋଦୟ-** ରାଘ ୮।୨୫।୦୮

**ଚତୁର୍ଥୀ-** ଦିଘ ୧୨।୪୬ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ଦିଘ ୧।୫୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୨।୪୬ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୭।୧୫ ମଧ୍ୟେ । ଦିଘ ୧୦।୩୦ ଗତେ ଘ ୧୨।୫୬ ମଧ୍ୟେ । **ପର୍ବୋତ୍ସବ-** ଅଶ୍ୱ ପଞ୍ଚମୀ, ବିଶ୍ୱ ଭ୍ରାତୃତ୍ୱ ଦିବସ ।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଲାଭବାନ୍ ହେବେ ।



**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ହଠାତ୍ ଶୁଭ ଖବର ମିଳିପାରେ । ପାରିବାରିକ ଜୀବନ ସୁଖମୟ ହେବ । ସ୍ୱାଭିମାନୀ ହେବେ । ଦୂରଯାତ୍ରା କରିପାରନ୍ତି ।



**ମିଥୁନ:** ବାଧା ପ୍ରତିବନ୍ଧକ ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଲୋକପ୍ରିୟତା ଅର୍ଜନ କରିବେ । ପାରିବାରିକ ସୁଖ, ଶାନ୍ତି ବଜାୟ ରହିବାର ସୂଚନା ।



**କର୍କଟ:** ଯଶଖ୍ୟାତି ଅର୍ଜନ କରିବେ । ଶରୀର ସୁସ୍ଥ ରହିବ । ଆର୍ଥିକ ସ୍ଥିତିରେ ଉନ୍ନତିର ଆଶା କରାଯାଏ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପିଲାମାନେ ପାଠପଢ଼ାରେ ଆଗେଇବେ । ମହିଳାମାନେ ସୁଖୀ ହେବେ ।



**ସିଂହ:** ବିବାଦର ସମ୍ମୁଖୀନ ହେବେ । ସେବା କାର୍ଯ୍ୟରେ ଯୋଗଦେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟୟର ମାତ୍ରା ଅଧିକ ହୋଇପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।



**କନ୍ୟା:** ପାରିବାରିକ କଳହ ନେଇ ମନରେ ଦୁଃଖ ଦେଖାଦେଇପାରେ । ବ୍ୟବସାୟରେ ଲାଭବାନ୍ ହେବେ । ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି ।



**ତୁଳା:** ମାନସିକ ସ୍ତରରେ ଦ୍ୱନ୍ଦ୍ୱର ଶିକାର ହୋଇପାରନ୍ତି । କର୍ମକ୍ଷେତ୍ରରେ ଜୟଯୁକ୍ତ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**ବିଛା:** ପରୋପକାରୀ ହେବେ । କଠିନ ପରିଶ୍ରମର ସମ୍ମୁଖୀନ ହୋଇପାରନ୍ତି । ଆୟର ପରିମାଣ ବଢ଼ିବାର ସୂଚନା । ପାରିବାରିକ ଆନନ୍ଦ ଲାଭ ହେବ । ବିବାଦ କ୍ଷେତ୍ରରେ ଅବସାନ ଘଟିବ । ମନ ଭଲ ରହିବ ।



**ଧନୁ:** କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । ହଠାତ୍ ଧନ ପ୍ରାପ୍ତି ହୋଇପାରେ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନ କରିବେ । ଶତ୍ରୁ ନାଶ ହେବେ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ମକର:** କର୍ମକ୍ଷେତ୍ରରେ ପ୍ରତାରିତ ହୋଇପାରନ୍ତି । ଶରୀର ସୁସ୍ଥ ରହିବ । ଆୟ ଯୋଗ ରହିଛି । ଗୃହେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ । ଶତ୍ରୁଙ୍କ ପରିମାଣ ବଢ଼ିବ । ମନ ଭଲ ରହିବ ।



**କୁମ୍ଭ:** ମନ ପ୍ରସନ୍ନ ରହିବ । ବିବାଦୀୟ ଘଟଣାରେ ବିଜୟୀ ହେବେ । ଯଶ ଲାଭ ହେବ । ବନ୍ଧୁଙ୍କ ଠାରୁ ସମ୍ମାନିତ ହେବେ । ଦୂରଯାତ୍ରା କରିପାରନ୍ତି । ପିଲାମାନଙ୍କ ପାଠ ପଢ଼ାରେ ମନ ଦେବେ ।



**ମୀନ:** ଦୀର୍ଘ ଦିନର ଆଶା ଆପଣଙ୍କର ପୂରଣ ହେବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଲାଭ ହେବ । ମନ ଭଲ ରହିବ । ସାମାଜିକ ସ୍ତରରେ ସମ୍ମାନିତ ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୨।୯।୨୦୨୫, ଭାଦ୍ରବ ଦି୨୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୩୩।୨୯ **ଚନ୍ଦ୍ରୋଦୟ-** ରାଘ ୯।୧୪।୦୮

**ପଞ୍ଚମୀ-** ଦିଘ ୯।୫୯ ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ଦିଘ ୧୧।୫୯ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ସଂଘ ୫।୩୦ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ସଂଘ ୫।୩୦ ଗତେ ବୃଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ସଂଘ ୫।୩୦ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୯।୫୯ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୬।୨୫ ମଧ୍ୟେ । ଦିଘ ୧୨।୦୭ ଗତେ ଘ ୨।୩୩ ମଧ୍ୟେ । **ପର୍ବୋତ୍ସବ-** ଗଜଷଷ୍ଠୀ ।

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି।

ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି। ଏହାର ଏକ ପ୍ରମୁଖ କାରଣ ହେଉଛି କଲ୍ୟାଣମୂଳକ ସ୍କିମ୍ରେ ସରକାର ମାଗଣାରେ ଖାଦ୍ୟଶସ୍ୟ ଦେଉଥିବାରୁ ସେଥିରେ ଖର୍ଚ୍ଚ ହ୍ରାସ ପାଇଛି। ଲୋକମାନେ ଡାଲିରେ ଖର୍ଚ୍ଚ କମ୍ କରିଛନ୍ତି। କିନ୍ତୁ ପ୍ୟାକେଜଡ୍ ଖାଦ୍ୟ ଓ ପାନୀୟରେ ଅଧିକ ବ୍ୟୟ କରିଛନ୍ତି। ମୋବାଇଲ୍ ଫୋନ୍ ଓ ଗାଡ଼ି ଆଦି କିଣିବାରେ ଅଧିକ ଖର୍ଚ୍ଚ କରୁଛନ୍ତି। ମୋଟ ଉପରେ ଦେଖିଲେ ଗ୍ରାମାଞ୍ଚଳରେ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି ବୋଲି ସେ କହିଛନ୍ତି।

# ସି ପି ରାଧାକୃଷ୍ଣନ୍ ଭାରତର ୧୫ତମ ଉପରାଷ୍ଟ୍ରପତି



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ସି ପି ରାଧାକୃଷ୍ଣନ୍ ଭାରତର ୧୫ତମ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି, ବିରୋଧୀ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କ ୩୦୦ ଭୋଟ୍ ବିରୁଦ୍ଧରେ ୪୫୨ ଭୋଟ୍ ପାଇଛନ୍ତି, ଯାହା ଫଳରେ ବିଜୟୀ ହୋଇଛନ୍ତି ୧୫୨ ଭୋଟରେ। ନିର୍ବାଚନ ୯ସେପ୍ଟେମ୍ବର, ୨୦୨୫ରେ ସଂସଦ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନର ପ୍ରମୁଖ ଆକର୍ଷଣ - ଏନଡିଏର ଗଡ : ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନଡିଏ) ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି, ଯାହା ମେଣ୍ଟର ସଂସଦୀୟ ଶକ୍ତି ପ୍ରଦର୍ଶନ କରିଛି। ବିରୋଧୀଙ୍କ ପ୍ରଦର୍ଶନ : ଇଣ୍ଡିଆ ବ୍ଲକର ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀ କଂଗ୍ରେସ, ଡିଏମକେ, ସମାଜବାଦୀ ପାର୍ଟି ଏବଂ ବାମ ଦଳଗୁଡିକ ଭଳି ଦଳଗୁଡିକର ସମର୍ଥନରେ ୩୦୦ ଭୋଟ୍ ପାଇଛନ୍ତି। ଭୋଟଦାନ ବିବରଣୀ : ମୋଟ ୭୬୮ ଜଣ ସାଂସଦ ସେମାନଙ୍କର ଭୋଟ ଦେଇଛନ୍ତି, ୧୩ଜଣ ସାଂସଦ ଭୋଟ୍ ଦେବାରୁ ବିରତ ରହିଛନ୍ତି, ଯେଉଁଥିରେ ବିଆରଏସର ୪ଜଣ, ବିଜେଡିର ୭ଜଣ, ଶିରୋମଣି ଅକାଳି ଦଳରୁ ୧ଜଣ ଏବଂ ସ୍ୱାଧୀନ ସାଂସଦ ଅଛନ୍ତି। ସିପି ରାଧାକୃଷ୍ଣନଙ୍କ ବିଷୟରେ ପୃଷ୍ଠଭୂମି - ତାମିଲନାଡୁର ଜଣେ ପ୍ରବୀଣ ବିଜେପି ନେତା, ରାଧାକୃଷ୍ଣନ ଦୁଇଥର ଲୋକସଭା ସାଂସଦ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ବର୍ତ୍ତମାନର ମହାରାଷ୍ଟ୍ର ରାଜ୍ୟପାଳ ପଦବୀରେ ଅଛନ୍ତି। ରାଜନୈତିକ ଅଭିଜ୍ଞତା : ସେ ତାମିଲନାଡୁରେ ବିଜେପିର ରାଜ୍ୟ ସମ୍ପାଦକ ତାମିଲନାଡୁ ବିଜେପିର ସଭାପତି ଏବଂ ଝାଡଖଣ୍ଡ ଏବଂ ମହାରାଷ୍ଟ୍ରର ରାଜ୍ୟପାଳ ସମେତ ବିଭିନ୍ନ ଭୂମିକା ଗ୍ରହଣ କରିଛନ୍ତି। ସମର୍ଥନ - ରାଧାକୃଷ୍ଣନଙ୍କୁ ବିଜେପି, ଟିଡିପି, ଜେଡିୟୁ, ଶିବସେନା ଏବଂ ଅନ୍ୟାନ୍ୟ ପ୍ରମୁଖ ଦଳଗୁଡିକ ଏବଂ YSRCP ଠାରୁ ସମର୍ଥନ ମିଳିଥିଲା। ସିପି ରାଧାକୃଷ୍ଣନଙ୍କ ବିଜୟରେ ବିଶ୍ୱାସ ପ୍ରକାଶ କରିଥିବା ବିଜେପି ନେତା ଭାଗବତ କରାଡ ଏବଂ ଉଜ୍ଜ୍ୱଳ ନିକମଙ୍କ ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନରେ ବିପୁ, କ୍ରସ୍-ଭୋଟିଂ ଅସମ୍ଭବ ମନେହୁଏ। ସେମାନେ କ୍ରସ୍-ଭୋଟିଂର ଭୟକୁ ଖାରଜ କରି ବିରୋଧୀ ଦଳ ଉପରେ ମିଥ୍ୟା ପ୍ରଚାର, ପ୍ରସାର କରିବାର ଅଭିଯୋଗ ଆଣିଥିଲେ। ଏନଡିଏ ପ୍ରାର୍ଥୀ ରାଧାକୃଷ୍ଣନଙ୍କୁ ଇଣ୍ଡିଆ ବ୍ଲକ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡିଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରାଯାଉଛି। ନିର୍ବାଚନ ବିବରଣୀ - ମୋଟ ଭୋଟ ଉଭୟ ଗୃହରେ ୬ଟି ଖାଲି ଥିବାବେଳେ



୭୮୧ ଜଣ ସାଂସଦ ଭୋଟ ଦେବାକୁ ଯୋଗ୍ୟ। ବହୁମତ ଚିହ୍ନ - ଜିତିବା ପାଇଁ ୩୯୧ ଭୋଟ ଆବଶ୍ୟକ। ଏନଡିଏ ଶକ୍ତି - ଆନୁମାନିକ ୪୨୨ ଭୋଟ, ଆବଶ୍ୟକ ବହୁମତ ଠାରୁ ୩୧ ଅଧିକ। ଭାରତୀୟ ବ୍ଲକ ଶକ୍ତି ୩୧୨ ଭୋଟ। କ୍ରସ ଭୋଟିଂ ପ୍ରଭାବ - ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ପଦକ୍ଷେପ - କ୍ରସ ଭୋଟିଂରେ ଲିପ୍ତ ସାଂସଦଙ୍କ ବିରୁଦ୍ଧରେ ଦଳଗୁଡିକ ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ପଦକ୍ଷେପ ନେଇପାରନ୍ତି, ଯେପରିକି ବହିଷ୍କାର, ଭବିଷ୍ୟତର ଟିକେଟ୍ ପ୍ରତ୍ୟାଖ୍ୟାନ କିମ୍ବା ଦଳୀୟ ପଦବୀରୁ ବହିଷ୍କାର। ଅତୀତର ଉଦାହରଣ : ୨୦୧୭,୨୦୧୨ ଏବଂ ୨୦୦୭ ସମେତ ବିଗତ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସ-ଭୋଟିଂ ହୋଇଛି। ଭୋଟଦାନ ପ୍ରକ୍ରିୟା-ଗୁପ୍ତ ମତଦାନ- ସାଂସଦମାନେ ଏକ ଗୁପ୍ତ ବାଲଟ୍ ପ୍ରଣାଳୀ ମାଧ୍ୟମରେ ଭୋଟ ଦିଅନ୍ତି, ଯାହା ସେମାନଙ୍କୁ ଦଳୀୟ ଚାପ ବିନା ସେମାନଙ୍କର ପସନ୍ଦ ବ୍ୟବହାର କରିବାକୁ ଅନୁମତି ଦିଏ। ନୋହିଲେ ହ୍ୱିପ୍, ଅଧିକାଂଶ ସଂସଦୀୟ ଭୋଟ ପରି, ରାଜନୈତିକ ଦଳଗୁଡିକ ଉପରାଷ୍ଟ୍ରପତି ନିର୍ବାଚନରେ ହ୍ୱିପ୍ ଜାରି କରିପାରିବେ ନାହିଁ, ଯାହା ସାଂସଦମାନଙ୍କୁ ସେମାନଙ୍କ ବିବେକ ଅନୁଯାୟୀ ଭୋଟ୍ ଦେବାକୁ ମୁକ୍ତ କରିଥାଏ। ସିପି ରାଧାକୃଷ୍ଣନ ଭାରତର ନୂତନ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (NDA) ପ୍ରାର୍ଥୀ ଏବଂ ବର୍ତ୍ତମାନର ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନ ଭାରତର ୧୫ତମ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି। ରାଧାକୃଷ୍ଣନ ୪୫୨ ଭୋଟ ପାଇଁ ବିରୋଧୀ ଭାରତ ମେଂଟ ପ୍ରାର୍ଥୀ ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ପରାସ୍ତ କରିଛନ୍ତି। ନିର୍ବାଚନର ପ୍ରମୁଖ ମୁଖ୍ୟ ପ୍ରସଙ୍ଗ- ଏନଡିଏର ଗଡ ଉପରାଷ୍ଟ୍ରପତି ନିର୍ବାଚନର ଏନଡିଏର ବିଜୟ ଏହାର ପ୍ରଭାବଶାଳୀ ସଂସଦୀୟ ନିୟନ୍ତ୍ରଣକୁ ପୁନଃନିର୍ଦ୍ଦିଷ୍ଟ କରେ, ରାଧାକ୍ରିଷ୍ଣନଙ୍କ ନାମାଙ୍କନ ଦଳ ମଧ୍ୟରେ ଅପାର ଉତ୍ସାହ ସୃଷ୍ଟି କରିଛି। ବିରୋଧୀଙ୍କ ଚ୍ୟାଲେଞ୍ଜ, ଜଷ୍ଟିସ ରେଡ୍ଡିଙ୍କ ପଛରେ ଇଣ୍ଡିଆ ବ୍ଲକ ମିଳିତ ମୋର୍ଚ୍ଚା ସତ୍ତ୍ୱେ, ଏନଡିଏର ସଂଖ୍ୟାଗତ ଶକ୍ତି ନିର୍ବାଚନରେ ନିର୍ଣ୍ଣାୟକ ପ୍ରମାଣିତ ହୋଇଛି। ନିର୍ବାଚନୀ ପ୍ରକ୍ରିୟା - ଏକକ ସ୍ଥାନାନ୍ତରଣୀୟ ଭୋଟ ବ୍ୟବସ୍ଥା ଅଧୀନରେ ଏକ ଗୁପ୍ତ ମତଦାନ ମାଧ୍ୟମରେ ସଂସଦର ଉଭୟ ଗୃହର ସଦସ୍ୟମାନଙ୍କ ଦ୍ୱାରା ଉପରାଷ୍ଟ୍ରପତିଙ୍କୁ ମନୋନୀତ କରାଯାଏ। ନୂତନ ଉପରାଷ୍ଟ୍ରପତି ବିଷୟରେ- ସିପି ରାଧାକ୍ରିଷ୍ଣନ - ପୃଷ୍ଠଭୂମି : ରାଧାକ୍ରିଷ୍ଣନ ଭାରତୀୟ ଜନତା ପାର୍ଟି (ବିଜେପିର) ଜଣେ ଅଭିଜ୍ଞ ନେତା ଏବଂ କୋଏମ୍ବାଟୁରରୁ ଦୁଇଥର ଲୋକସଭା ସାଂସଦ ଭାବରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ଭୂମିକା-ସେ ବର୍ତ୍ତମାନ ମହାରାଷ୍ଟ୍ରର ରାଜ୍ୟପାଳ ଏବଂ ଦକ୍ଷିଣ ଭାରତରେ, ବିଶେଷକରି ତାମିଲନାଡୁରେ ଦଳର ମୂଳଦୁଆ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଖ୍ୟାତି- ରାଧାକୃଷ୍ଣନ ଦଳ ପ୍ରତି ତାଙ୍କର ବିଶ୍ୱସ୍ତତା ଏବଂ ତାଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ପାଇଁ ଜଣାଶୁଣା, ଯାହା ଏନଡିଏ ବିଶ୍ୱାସ କରେ ଯେ ତାଙ୍କର ଜ୍ଞାନ ଏବଂ ଅନ୍ତର୍ଦୃଷ୍ଟି ସହିତ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ସମୃଦ୍ଧ କରିବ। ଶାସକ ଦଳ ପକ୍ଷରୁ ପ୍ରତିକ୍ରିୟା - ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିନନ୍ଦନ : ଯଦିଓ ସୂତ୍ରଗୁଡିକରେ ସିଧାସଳଖ ଉଲ୍ଲେଖ କରାଯାଇନାହିଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଧାକୃଷ୍ଣନଙ୍କୁ ତାଙ୍କ ବିଜୟ ପାଇଁ ଅଭିନନ୍ଦନ ଜଣାଇବେ ବୋଲି ସମ୍ଭାବନା ଅଛି, କାରଣ ଦଳର ତାଙ୍କ ପ୍ରତି ଦୃଢ ସମର୍ଥନ ରହିଛି। ଦଳର ଆତ୍ମବିଶ୍ୱାସ : ରାଧାକୃଷ୍ଣନଙ୍କ ଜଣେ ଉତ୍କୃଷ୍ଟ ଉପରାଷ୍ଟ୍ରପତି ହେବାର କ୍ଷମତା ଉପରେ ଏନଡିଏର ବିଶ୍ୱାସ ସେମାନଙ୍କର ନାମାଙ୍କନ ଏବଂ ପ୍ରଚାରରୁ ସ୍ପଷ୍ଟ। ନିର୍ବାଚନର ପ୍ରଭାବ - ସଂସଦୀୟ ଗତିଶୀଳତା - ରାଜ୍ୟସଭା ପରିଚାଳନା ଏବଂ ବିତର୍କକୁ ସନ୍ତୁଳିତ କରିବାରେ ଉପରାଷ୍ଟ୍ରପତି ଭୂମିକା ଆଗାମୀ ମାସଗୁଡିକରେ ଗୁରୁତ୍ୱପୂର୍ଣ୍ଣ ହେବ, ବିଶେଷକରି ଦେଶର ସଂସଦ ସଂସ୍କାର, ଅର୍ଥନୈତିକ ନୀତି ଏବଂ ବୈଦେଶିକ ବ୍ୟାପାର ଉପରେ ଉଷ୍ମ ଆଲୋଚନାର ଏକ ପର୍ଯ୍ୟାୟରେ ପ୍ରବେଶ କରିବା ସହିତ। ଶକ୍ତି ପରୀକ୍ଷା : ଏହି ନିର୍ବାଚନ ଶାସକ NDA ଏବଂ ବିରୋଧୀ ଭାରତ ବ୍ଲକ ମଧ୍ୟରେ ଶକ୍ତି ପରୀକ୍ଷା ଭାବରେ କାର୍ଯ୍ୟ କରେ ଯାହାର ଫଳାଫଳ, ସେମାନଙ୍କ ସଂସଦକୁ ପ୍ରତିଫଳିତ କରେ।

# ମୁକ୍ତି ସଂଗ୍ରାମୀ ଗୌରଚନ୍ଦ୍ର

**ବାବାଜୀ ଚରଣ ଦାସ**
କୋକିଳା ଗ୍ରୀନ୍ ଆପାର୍ଟମେଣ୍ଟ,
ପଞ୍ଚସଖା ନଗର, ଡୁମୁଡୁମା,
ଭୁବନେଶ୍ୱର, ୭୫୧୦୧୯।

୧୯୧୫ ମସିହା ଜୁନ୍ ୧୯ ତାରିଖରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ଗାନ୍ଧୀବାଦୀ, ଜନ ସେବକ, ସମାଜ ସଂସ୍କାରକ, ଛାତ୍ର ବତ୍ସଳ ଶିକ୍ଷାବିତ୍, ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ଗୌରଚନ୍ଦ୍ର ମହାପାତ୍ର ଜନ୍ମ ଗ୍ରହଣ କରିଥିଲେ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଲବଙ୍ଗଲତା ଦେବୀଙ୍କ କନିଷ୍ଠ ପୁତ୍ର ଭାବରେ ଐତିହାସିକ 'ଭାଗବତ ଭବନ'ରେ ତାଙ୍କର ଜନ୍ମ। ସେ ଥିଲେ ତାଙ୍କ ପିତାମହ ତାଳପଦାର ସୁପ୍ରସିଦ୍ଧ ଜମିଦାର, ସୁପ୍ରତିଷ୍ଠିତ ଆଇନଜୀବୀ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ରଙ୍କ ବଂଶର ସୁଯୋଗ୍ୟ ବଂଶଧର। ଜନ୍ମମାଟି ପ୍ରତି ଗୌରଚନ୍ଦ୍ରଙ୍କର ମୋହ ନିମ୍ନ କବିତାରୁ ଜଣାପଡେ।

ଯେ ମାଟି ଦେଇଛି ଜନମ ମୋତେ
ରେ ଆହାର ଦେଇଛି ମୋହରି ମୁଖେ,
ମନରେ ଦେଇଛି ଅକଳନ୍ତି ବଳ
ସାହସ ଦେଇଛି ମୋହର ବୁକେ।

ସେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ଓ ଭଦ୍ରକ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ନିଜ ପାଠପଢ଼ା ପ୍ରତି ଗୁରୁତ୍ୱ ନଦେଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଦୁଇ ବର୍ଷ କାରାବାସ କରିଥିଲେ। ତାଙ୍କ ପିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବୀରକିଶୋର ଓ ବାଞ୍ଛାନିଧି ମହାନ୍ତିଙ୍କ ପ୍ରଭାବ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଗୌରଚନ୍ଦ୍ରଙ୍କର ସହପାଠୀ ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ନୀଳମଣି ରାଉତରାୟ, ଡାକ୍ତର ନିହାର ଘୋଷ ଓ କୈଳାସ ମହାନ୍ତି। ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଅନେକ ପ୍ରଚାରପତ୍ର ଏକ ନିର୍ଦ୍ଦିଷ୍ଟ ପ୍ରେସରେ ଛପା ହୋଇଥିଲା, ତାହା ଥିଲା ଗୋପୀନାଥ ପ୍ରେସ। ସେଥିରେ ମୁଦ୍ରାକର ଭାବରେ ଗୌରଚନ୍ଦ୍ରଙ୍କ ନାମ ଥିଲା। ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ ସେ ଭଦ୍ରକ ଜେଲ୍ରେ ଥିଲେ। ସେଠାରେ ଭଦ୍ରକ ଲୁଣିଆ ଆନ୍ଦୋଳନର ନେତୃତ୍ୱ ନେଇଥିବା ମୁରଲୀ ପଣ୍ଡାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା। ଭଦ୍ରକ ଜେଲ୍ରେ କିଛି ଦିନ ରହିବା ପରେ ଗୌରଚନ୍ଦ୍ରଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ୧୯୩୮ ମସିହା ଜାନୁଆରୀ ୨୬ ତାରିଖ ଦିନ ପତାକା ଉତ୍ତୋଳନ ଉତ୍ସବରେ ବନ୍ଦୀ ମାନଙ୍କ ସହିତ ସେ 'ଝଣ୍ଡା ଉଞ୍ଚା ରହେ ହମାରା' ଗୀତ ବୋଲିଥିଲେ। ସେଠାରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ,



ରାମକୃଷ୍ଣ ପତି, ଭୈରବ ମହାନ୍ତି, ନିଶାମଣି ଖୁଣ୍ଟିଆ, ଶରତ ମହାରଣାଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେଠାରୁ ମୁକୁଳି ସେ ତାଙ୍କ ପିତାଙ୍କ ପ୍ରତିଷ୍ଠିତ ବ୍ରିଟିଶ ଶାସନର ତୀବ୍ର ସମାଲୋଚକ 'ଡଗର' ପତ୍ରିକା ତାଙ୍କ ବଡ଼ଭାଇ ନିତ୍ୟାନନ୍ଦ ମହାପାତ୍ରଙ୍କ ସହ ଚଳାଉଥିଲେ। 'ଡଗର'ର ପ୍ରକାଶକ ଭାବେ ବ୍ରିଟିଶ ସରକାରଙ୍କ ଶରବ୍ୟ ହୋଇ ସେ ଗିରଫ ହେଲେ। ତାଙ୍କୁ ବ୍ରହ୍ମପୁର ସେଣ୍ଟ୍ରାଲ ଜେଲରେ ରଖାଗଲା। ତାଙ୍କ ସହିତ ସହବନ୍ଦୀ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ଆଚାର୍ଯ୍ୟ ହରିହର। ସେ କାରାଗାରରେ ଥିବା ବେଳେ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯାଇଥିଲା। ସେ ସାହିତ୍ୟ ସାଧନା ଜାରି ରଖିଥିଲେ। ତାଙ୍କ ରଚିତ ହରିଜନ ଗୀତ, ଶାସନର ଚକ ତଳେ ବେଶ୍ ଚହଳ ପକାଇଥିଲା।

ସ୍ୱାଧୀନତା ପ୍ରାପ୍ତିର ଅର୍ଦ୍ଧଶତାବ୍ଦୀ ପରେ ସେ ଅନୁଭବ କରିଥିଲେ, ସ୍ୱାଧୀନତାର ସ୍ୱପ୍ନ ସାକାର ହୋଇନାହିଁ। ତାଙ୍କ କବିପ୍ରାଣ ବିକଳ ହୋଇ ଉଠିଥିଲା। ସେ ଲେଖିଲେ--

ତମେ କହିଥିଲ ଫେରିବାକୁ ଗ୍ରାମେ
ଆମେ କି ପାରିଲୁ ଫେରି,
ତୁମ କଳପନା କଥାରେ ରହିଛି
କାମରେ ତ ଖାଲି ଡେରି।

ଆତ୍ମନିର୍ଭରଶୀଳତା, ସାମାଜିକ କର୍ତ୍ତବ୍ୟବୋଧ ପାରସ୍ପରିକ ସହଯୋଗ ଓ ସହାନୁଭୂତି, ଦେଶ ମାତୃକା ପ୍ରତି ମମତ୍ୱବୋଧ ଉପରେ ସେ ଗୁରୁତ୍ୱ ଦେଉଥିଲେ। ତାଙ୍କ ଲିଖିତ ଅର୍ଥଶକ୍ତି କବଳରୁ ଗଣତନ୍ତ୍ରକୁ ବଞ୍ଚାଓ, ଆମ ଗାଁ କବିତା ପୁସ୍ତକ ସାମାଜିକ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ। ସ୍ୱାଧୀନତା ପ୍ରାପ୍ତି ପରେ ନାରୀ ଶିକ୍ଷାର ପ୍ରସାର ନିମନ୍ତେ ନିଜ ଗାଁରେ ବାଳିକା ମାଇନର ସ୍କୁଲ ଖୋଲି ନିଜେ ଶିକ୍ଷକତା କରିଥିଲେ। ସେ ହାଇସ୍କୁଲର ଜଣେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି। ଚାଷବାସ ଖବର ବୁଝି ଓ ଫୁଲ ଫଳ ବଗିଚା କରି, ସେ ସାରସ୍ୱତ ସାଧନା କ୍ଷେତ୍ରରେ ଯେଉଁ ନିଷ୍ଠା ପ୍ରଦର୍ଶନ କରିଥିଲେ, ତାହା ତାଙ୍କର ଉଲ୍ଲେଖନୀୟ ସଫଳତା ଭାବରେ ଆମ ସମସ୍ତଙ୍କୁ ପଥ ପ୍ରଦର୍ଶନ କରିବ। ସେ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ ଓ ଉନ୍ନୟନ ମୂଳକ କାର୍ଯ୍ୟରେ ମନୋନିବେଶ କରି ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ସ୍ଥାପନ କରିଛନ୍ତି।

ସମାଜସେବା କାର୍ଯ୍ୟ ମଧ୍ୟରେ ତାଙ୍କର କବିତା ସମାଜର ରୀତି ନୀତି, ଶୋଷଣ, ଅତ୍ୟାଚାର, କୁସଂସ୍କାର ବିଷୟରେ ସୂଚନା ଦେବା ସହିତ ସେଥିରେ ସେ ବ୍ୟଙ୍ଗ, ବିଦ୍ରୁପ ଭରି ରସମୟ କରିଛନ୍ତି। ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକ ଭାବେ ସେ ଦେଶାତ୍ମବୋଧକ ନୀତି ଶିକ୍ଷା ଆଧାରିତ ଶିଶୁ କବିତା ରଚନା କରିଛନ୍ତି। 'ସେଇ ଦେଶେ ମୋର ଘର, ଗାଁ ମାଟି ଡାକେ, ଆମ ଗାଁ ଆଦି ଅନେକ କବିତା ଓ ଗଳ୍ପ' ଶିଶୁ ସାହିତ୍ୟକୁ ସମୃଦ୍ଧ କରିଛି।

ତାଙ୍କ ପ୍ରବନ୍ଧ ସଙ୍କଳନ 'କିଛି ଅଭୁଲା ସ୍ମୃତି' ଓଡ଼ିଆ ସାହିତ୍ୟରେ ଏକ ମାଇଲ ଖୁଣ୍ଟ। 'ଯେତିକି ମନେ ପଡ଼େ' ଓ ନାଟକ 'ସେବା ସଂଘ' ତାଙ୍କ ସାରସ୍ୱତ କୃତିରୁ କିଞ୍ଚିତ୍ ମାତ୍ର।

ଆତ୍ମପ୍ରଚାର ବିମୁଖ ଗୌରଚନ୍ଦ୍ର ମହାପାତ୍ର ସରଳ ମିଷ୍ଟଭାଷୀ ମଣିଷ ଭାବରେ ସୂଚିମୟ ନିରାଡମ୍ବର ଜୀବନ ଯାପନ କରୁଥିଲେ। ତାଙ୍କୁ ଦେଖିଲେ କେହି ବିଶ୍ୱାସ କରି ପାରୁ ନଥିଲେ ଯେ ସେ ଏତେ ବଡ଼ ପ୍ରତିଭାର ଅଧିକାରୀ। ସେ ଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସାହିତ୍ୟ କୃତିର ସଂରକ୍ଷକ। ଗାଁ ଗାଁ ବୁଲି ସେ କାନ୍ତକବିଙ୍କ ନାଟକ ଓ କବିତା ଯାତ୍ରା ଦଳ ମାନଙ୍କ ଠାରୁ ସଂଗ୍ରହ କରିଥିଲେ। ନିଜର ପ୍ରତିଷ୍ଠା ପାଇଁ ସେ କେବେ ବି ଗୁରୁତ୍ୱ ଦେଇ ନଥିଲେ। ସେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ଥିଲେ।୨୦୧୧ ଜୁଲାଇ ମାସରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୨୦୧୨ ମସିହା ମଇ ମାସରେ ସମ୍ବର୍ଦ୍ଧିତ ହୋଇଥିଲେ।

୨୦୧୮ ମସିହା ସେପ୍ଟେମ୍ବର ୧୧ ତାରିଖରେ ୧୦୪ ବର୍ଷ ବୟସରେ ଗୌରଚନ୍ଦ୍ର ମହାପାତ୍ର ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ପ୍ରତି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

# ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ ଅଟେ, ଯାହା ଖଗୋଳିୟ ପିଣ୍ଡର ଚଳଣୀ ଏବଂ ସାପେକ୍ଷ ସ୍ଥିତିର ଅଧ୍ୟୟନ କରି ମନୁଷ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସାଂସାରିକ ଘଟଣା ସମ୍ବନ୍ଧରେ ଦିବ୍ୟ କଥାବସ୍ତୁର ଦାବି କରିଥାଏ । ଏହି ଶାସ୍ତ୍ରଦ୍ୱାରା ମନୁଷ୍ୟ ତଥା ପୃଥିବୀର ଗ୍ରହ ଏବଂ ତାରାମାନଙ୍କର ଶୁଭ ତଥା ଅଶୁଭ ପ୍ରଭାବର ଅଧ୍ୟୟନ କରାଯାଇ ପାରେ। ଜ୍ୟୋତିଷ ଶବ୍ଦର ଅର୍ଥ ଗ୍ରହ ତଥା ନକ୍ଷତ୍ରଦ୍ୱାରା ସମ୍ବନ୍ଧିତ ରଖୁଥିବା ବିଦ୍ୟା। ଯଦିଓ ଏହି ଶବ୍ଦରୁ ଗଣିତ ଜ୍ୟୋତିଷର ମଧ୍ୟ ବୋଧ ହୋଇଥାଏ, ତଥାପି ସାଧାରଣ ଲୋକ ଜ୍ୟୋତିଷ ବିଦ୍ୟାଦ୍ୱାରା ଫଳିତ ବିଦ୍ୟାର ଅର୍ଥ ବୋଲି ଭାବି ନିଅନ୍ତି। ଭାରତୀୟ ଜ୍ୟୋତିଷରେ ସୂର୍ଯ୍ୟ ସିଦ୍ଧାନ୍ତ ଆଦି ଗ୍ରନ୍ଥରୁ ଆସୁଥିବା ବିନ୍ଦୁ ହିଁ ମେଷ ଆଦିର ଗଣନା କରାଯାଏ । ଏହିପ୍ରକାରେ ପାଶ୍ଚାତ୍ୟ ଗଣନା ପ୍ରଣାଳୀ ତଥା ଭାରତୀୟ ଗଣନା ପ୍ରଣାଳୀରେ ପାଖାପାଖି ୨୩ ଅଂଶର ଅନ୍ତର ପଡିଥାଏ। ଭାରତରେ ୧୨ଟି ରାଶିକୁ ୨୭ଟି ବିଭାଗରେ ଭାଗ କରାଯାଇଛି, ଯାହାକୁ ନକ୍ଷତ୍ର କୁହାଯାଏ । ଫଳାଫଳର ବିଚାର ପାଇଁ ଚନ୍ଦ୍ରମା' ନକ୍ଷତ୍ରର ବିଶେଷ ଉପଯୋଗ କରାଯାଏ। ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ଗ୍ରୀକ ଭାଷା ଶବ୍ଦ ଏଷ୍ଟ୍ରୋନ୍ (ତାରା ସମୂହ) ଏବଂ ଲୋଜି ଅଧ୍ୟୟନରୁ ନିଆ ଯାଇଥିବା ବିଷୟ । ଏହି ତନ୍ତ୍ର ପରମ୍ପରା ପ୍ରଥା ଏବଂ ବିଶ୍ୱାସର ସମୂହ ଅଟେ ଯାହା ଜରିଆରେ ଖଗୋଳିୟ ପିଣ୍ଡ ତଥା ଆକାଶୀୟ ପିଣ୍ଡର ତୁଳନାତ୍ମକ ସ୍ଥିତି ଏବଂ ଅନ୍ୟ ସମ୍ବନ୍ଧୀୟ ବିବରଣୀର ଆଧାରରେ ବ୍ୟକ୍ତିତ୍ୱ, ମନୁଷ୍ୟର ଜୀବନରେ ଜଡ଼ିତ ମାମଲା ଏବଂ ଅନ୍ୟ ସାଂସାରିକ ବିଷୟକୁ ବୁଝି ତାହାର ବ୍ୟାଖ୍ୟା କରାଯାଏ ଏବଂ ଏହି ସନ୍ଦର୍ଭରେ ସୂଚନା ଗୁଡିକୁ ସଂଗଠିତ କରାଯାଏ। ଜ୍ୟୋତିଷର ବିଶ୍ୱାସ ଥାଏ ଯେ, ଖଗୋଳିୟ ପିଣ୍ଡର ଚଳଣୀ ଓ ତାହାର ସ୍ଥିତି ହୁଏତ ପୃଥିବୀକୁ ସିଧା ଉପାୟରେ ପ୍ରସ୍ତାବିତ କରିଥାଏ କିମ୍ବା କୌଣସି ପ୍ରକାରେ ମାନବଦ୍ୱାରା ଅନୁଭବ କରାଯାଉଥିବା ଘଟଣାରେ ସମ୍ବନ୍ଧ ହୋଇଥାଏ। ଆଧୁନିକ ଜ୍ୟୋତିଷଦ୍ୱାରା ଜ୍ୟୋତିଷକୁ ଏକ ପ୍ରତୀକାତ୍ମକ ଭାଷା ଏକ କଳା ରୂପେ କିମ୍ବା ଭବିଷ୍ୟ କଥନ, ପୂର୍ବଭାଷା ରୂପେ ପରିଭାଷିତ କରାଯାଇଛି। ବହୁ ବୈଜ୍ଞାନିକମାନେ ଏହାକୁ ଏକ ଛଦ୍ମ ବିଜ୍ଞାନ (pseudoscience) କିମ୍ବା ଅନ୍ଧବିଶ୍ୱାସ (superstition)ର ନାମ ଦେଇଛନ୍ତି । ପରିଭାଷାରେ ଅନ୍ତର ହେବା ପରେ ମଧ୍ୟ, ଜ୍ୟୋତିଷ ବିଦ୍ୟାର ଏକ ସାମାନ୍ୟ ଧାରଣା ରହିଛି ଯେ, ଖଗୋଳିୟ ପିଣ୍ଡ ନିଜ କ୍ରମ ସ୍ଥାନରୁ ଭୁତ ଏବଂ ବର୍ତ୍ତମାନର ଘଟଣା ଓ ଭବିଷ୍ୟବାଣୀ (prediction) କୁ ବୁଝିବାରେ ସାହାଯ୍ୟ କରିପାରେ । ଏକ ମତଦାନରେ ୩୧% ଆମେରିକୀୟମାନେ ଜ୍ୟୋତିଷ ଉପରେ ନିଜର ବିଶ୍ୱାସ ପ୍ରକଟ କରିଥିଲେ ଏବଂ ଏକ ଅନ୍ୟ ଅଧ୍ୟୟନ ଅନୁସାରେ, ୩୯% ଲୋକ ଏହାକୁ ବିଜ୍ଞାନ ବୋଲି ମାନିଛନ୍ତି । ଜ୍ୟୋତିଷ ଶାସ୍ତ୍ର ରେ କୁଣ୍ଡଳୀ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। କୁଣ୍ଡଳୀ ଏପରି ଏକ ଚକ୍ର, ଯାହାଦ୍ୱାରା କୌଣସି ଇଷ୍ଟ କାଳରେ ରାଶି ଚକ୍ର 'କ୍ରାନ୍ତି ଚକ୍ର'ଦ୍ୱାରା ସମ୍ବନ୍ଧିତ ହୋଇଥାଏ, ଯାହାର ସ୍ଥିତି ଅକ୍ଷାଂଶର ଭିନ୍ନତା କାରଣରୁ ବିଭିନ୍ନ ଦେଶରେ ଏକାପରି ହୋଇ ନଥାଏ । ଅତଏବ ରାଶି ଚକ୍ରର ସ୍ଥିତି ଜାଣିବା ପାଇଁ ସ୍ଥାନୀୟ ସମୟ ତଥା ନିଜ ସ୍ଥାନରେ ରହିଥିବା ରାଶିମାନଙ୍କର ଉଦୟ ସ୍ଥିତି ଜ୍ଞାନ ଆବଶ୍ୟକ ଅଟେ । ରାଶି ମାନଙ୍କର ଅଙ୍କଦ୍ୱାରା ବ୍ୟକ୍ତ କରାଯାଏ । ଏହିପ୍ରକାର ରାଶିଚକ୍ରକୁ କୁଣ୍ଡଳୀ କୁହାଯାଏ । ଭାରତୀୟ ପଦ୍ଧତିରେ ୭ଟି ଗ୍ରହ ହେଲେ : ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୃହସ୍ପତି, ଶନି, ରାହୁ ଓ କେତୁ । ପାଶ୍ଚାତ୍ୟ ପ୍ରଣାଳୀରେ (୧) ମେଷ, (୨) ବୃଷ, (୩) ମିଥୁନ, (୪) କର୍କଟ, (୫) ସିଂହ, (୬) କନ୍ୟା, (୭) ତୁଳା, (୮) ବିଛା, (୯) ଧନୁ, (୧୦) ମକର , (୧୧) କୁମ୍ଭ, (୧୨) ମୀନ ରାଶି । (୧) ବୁଧ, (୨) ଶୁକ୍ର, (୩) ପୃଥିବୀ, (୪) ମଙ୍ଗଳ, (୫) ଗୁରୁ, (୬) ଶନି, (୭) ବାରୁଣୀ, (୮) ବରୁଣ, ତଥା (୯) ଯମ ଗ୍ରହ ।

ଆଧୁନିକ ବିଜ୍ଞାନ ଅନୁସାରେ ସୂର୍ଯ୍ୟ କିମ୍ବା କୌଣସି ଅନ୍ୟ ତାରାମାନଙ୍କ ଚାରିପଟେ ପରିକ୍ରମା କରୁଥିବା ଖଗୋଳ ପିଣ୍ଡକୁ ଗ୍ରହ କୁହାଯାଏ । ଅନ୍ତରାଷ୍ଟ୍ରୀୟ ଖଗୋଳୀୟ ସଂଘ ଅନୁସାରେ ଆମ ସୌର ମଣ୍ଡଳରେ ଆଠୋଟି ଗ୍ରହ ରହିଛି : ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ, ନେପଚୁନ। ଏହାର ଅତିରିକ୍ତ ତିନୋଟି ବାମନ ଗ୍ରହ ରହିଛି : ସୀରୀସ, ପ୍ଳୁଟୋ, ଏରୀସ । ପ୍ରାଚୀନ ଖଗୋଳୀୟ ଶାସ୍ତ୍ରୀମାନେ ତାରା ଏବଂ ଗ୍ରହ ମାନଙ୍କ ମଧ୍ୟରେ ଅନ୍ତର ଏହି ପ୍ରକାର କରିଥିଲେ : ରାତିରେ ଆକାଶରେ ଚମକୁଥିବା ଅଧିକତର ପିଣ୍ଡ ସର୍ବଦା ପୂର୍ବ ପାର୍ଶ୍ୱରୁ ଉଦୟ ହୋଇ ପଶ୍ଚିମ ପଟେ ଅସ୍ତ ହୋଇଥାନ୍ତି। ଏହି ପିଣ୍ଡମାନଙ୍କ ନିଜ ନିଜ ମଧ୍ୟରେ କୌଣସି ପରିବର୍ତ୍ତନ ହୁଏନାହିଁ । ଏହି ପିଣ୍ଡମାନଙ୍କୁ ତାରା କୁହାଯାଏ । କିନ୍ତୁ ଏପରି କିଛି ପିଣ୍ଡ ଅଛନ୍ତି ଯାହା ଅନ୍ୟ ପିଣ୍ଡ ମାନଙ୍କ ସାପେକ୍ଷରେ କେବେକେବେ ଆଗକୁ ଯାଆନ୍ତି ଏବଂ କେବେ କେବେ ପଛକୁ ଯାଆନ୍ତି - ଏହାର ଅର୍ଥ ଏମାନେ କେବଳ ଘୁରିଥାନ୍ତି । Planet ଏକ ଲାଟିନ୍ ଶବ୍ଦ ଅଟେ, ଯାହାର ଅର୍ଥ ଏପଟ ସେପଟ ହୋଇ ବୁଲିବା । ଏଥିପାଇଁ ଏହି ପିଣ୍ଡର ନାମ Planet (ଗ୍ରହ) ଅଟେ । ଶନି ଗ୍ରହର ପରବର୍ତ୍ତୀ ଗ୍ରହକୁ ବିନା ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖାଯାଇ ପାରିବ ନାହିଁ। ଏଥିପାଇଁ ପ୍ରାଚୀନ ବୈଜ୍ଞାନିକ ମାନଙ୍କୁ କେବଳ ୫ଟି ଗ୍ରହ ବାବଦରେ ଜ୍ଞାତ ଥିଲା ଏବଂ ପୃଥିବୀକୁ ସେ ସମୟରେ ଗ୍ରହ ବୋଲି ମାନି ନ'ଥାନ୍ତି । 'ଜ୍ୟୋତିଷ' ଶାସ୍ତ୍ର ଅନୁସାରେ ଗ୍ରହର ପରିଭାଷା ଅଲଗା ଅଟେ । ଭାରତୀୟ ଜ୍ୟୋତିଷ ଏବଂ ପୌରାଣିକ କଥାରେ ୯ଟି ଗ୍ରହକୁ ଗଣାଯାଏ : ସୂର୍ଯ୍ୟ, ଚନ୍ଦ୍ର, ବୁଧ, ଶୁକ୍ର, ମଙ୍ଗଳ, ଗୁରୁ, ଶନି, ରାହୁ ଏବଂ କେତୁ । ଗ୍ରହ ଦୁଇ ପ୍ରକାରର ହୋଇଥାଏ ଯଥା: ଆନ୍ତରିକ ଗ୍ରହ ଓ ବାହ୍ୟ ଗ୍ରହ । ଆନ୍ତରିକ ଗ୍ରହରେ - ବୁଧ,ଶୁକ୍ର, ପୃଥିବୀ, ମଙ୍ଗଳ ଏବଂ ବାହ୍ୟ ଗ୍ରହରେ - ବୃହସ୍ପତି, ଶନି, ଅରୁଣ, ବରୁଣ ଅଟେ । ୮ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ସୂର୍ଯ୍ୟକୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି। ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୪ଟି ଗ୍ରହ ଯଥା ବୃହସ୍ପତି, ଶନି, ପ୍ଳୁଟୋ ଗାସୀୟ ପିଣ୍ଡ ଏବଂ ୟୁରେନସ୍ ଓ ନେପଚୁନ୍ ବରଫ ଗ୍ରହ ଭାବରେ ପରିଚିତ।

ସୌର ମଣ୍ଡଳ ଗ୍ରହରେ ପୃଥିବୀକୁ ଛାଡି ଗ୍ରୀକ ଓ ରୋମାନ ପରି ଦେବତା ମାନଙ୍କ ନାମ ରହିଛି, କାରଣ ଲୋକମାନେ ଅଜଣା ଥିଲେ ଯେ, ପୁରାତନ କାଳରେ ପୃଥିବୀ ଏକ ଗ୍ରହ ଅଟେ । ହୁଏତ, ପୃଥିବୀକୁ କେବେ କେବେ ରୋମାନ ଦେବତା 'ଟେରା' ନାମରେ ଜଣାଯାଏ। ଉଦାହରଣ ପାଇଁ, ଚୀନ ମଧ୍ୟ ବିଭିନ୍ନ ନାମର ଉପଯୋଗ କରିଥାଏ । ଚନ୍ଦ୍ରମାରେ ଦେବତା ଓ ଶାସ୍ତ୍ରୀୟ ପୌରାଣିକ କଥାର ଲୋକ କିମ୍ବା ସେକ୍ସପିୟରଙ୍କଦ୍ୱାରା ଲିଖିତ ନାଟକର ନାମ ମଧ୍ୟ ରାହିଛି । ତାରାମାନଙ୍କର ସୃଷ୍ଟି ପାରି ଗ୍ରହ ମଣ୍ଡଳର ଉତ୍ପତ୍ତି ହୋଇଛି । ଆଧୁନିକ ଖଗୋଳ ଶାସ୍ତ୍ରରେ ଜଣାଯାଇଛି ଯେ, ଯେତେବେଳେ ଅନ୍ତରିକ୍ଷରେ କୌଣସି ଆଣବିକ ବାଦଲ ଗୁରୁତ୍ୱାକର୍ଷଣ ଫଳରେ ହଠାତ ପତନ ହେବାରେ ଲାଗିଥାଏ ତ'ସେଠାରେ କୌଣସି ତାରା ଏକ ଆଦିଗ୍ରହ ଚକ୍ର (ପ୍ରୋଟୋପ୍ଲେଣ୍ଟରୀ ଡିସ୍କ) ଭାବେ ତିଆରି କାରିଥାଏ । ପ୍ରଥମେ ଅଣୁ ଜମା ହୋଇ ଧୂଳିର କଣିକା ବନେଇ ଦେଇଥାଏ, ପରେ କଣିକା ମିଶି ଧାତୁଖଣ୍ଡ ତିଆରି ହୋଇଥାଏ । ଗୁରୁତ୍ୱାକର୍ଷଣର ଲଗାତାର ପ୍ରଭାବ ହେତୁ ଏହି ଧାତୁଖଣ୍ଡ ମଧ୍ୟରେ ଧକ୍କା ଏବଂ ସମବେତ ହୋଇଥାଏ ଏବଂ ଧିରେ ଧିରେ ଏହା ବଡ଼ ଟୁକୁଡା ଖଣ୍ଡ ଭାବେ ତିଆରି ହୋଇଯାଏ ଯାହା ସମୟ ସହିତ ଗ୍ରହ, ଉପଗ୍ରହ ଓ ଅଲଗା ବସ୍ତୁର ରପ ଧାରଣ କରିଥାଏ । ଯେଉଁ ବସ୍ତୁ ବଡ଼ ହୋଇଥାଏ ସେମାନଙ୍କ ଗୁରୁତ୍ୱାକର୍ଷଣ ଶକ୍ତିଶାଳୀ ହୋଇଥାଏ ଏବଂ ସେ ନିଜକୁ ସଙ୍କୁଚିତ କରି ଏକ ଗୋଲ ଆକାର ଧାରଣ କରିଦିଅନ୍ତି । କୌଣସି ଗ୍ରହ ମଣ୍ଡଳର ସୃଜନ ପୂର୍ବରୁ ଚରଣରେ ଏହି ଗ୍ରହ ଏବଂ ଉପଗ୍ରହ କେବେ କେବେ ନିଜ ମଧ୍ୟରେ ବାଡେଇ ହୋଇଯାନ୍ତି, ଯାହାଦ୍ୱାରା ଏହା ଖଣ୍ଡ ହୋଇଯାଏ କିମ୍ବା ବେଳେବେଳେ ଯୋଡିହୋଇ ଆହୁରି ବଡ଼ ହୋଇଯାଏ। ଆମ ପୃଥିବୀ ସହିତ ଏକ ମଙ୍ଗଳ ଗ୍ରହ ପରି ବଡ଼ ବସ୍ତୁର ଭୟଙ୍କର ଧକ୍କା ହୋଇଥିଲା, ଯାହାଦ୍ୱାରା ପୃଥିବୀର ଏକ ବଡ଼ ଅଂଶ ଛାଡି ପରିକ୍ରମା ଗ୍ରହପଥକୁ ଚାଲିଯାଇଥିଲା ଏବଂ ଧିରେ ଧିରେ ଯୋଡିହୋଇ ଚନ୍ଦ୍ରମା ହୋଇଗଲା ।

ତେବେ ଜ୍ୟୋତିଷ ଶାସ୍ତ୍ର ଏକ ମୂଲ୍ୟବାନ ଶାସ୍ତ୍ର ଯାହା ମନୁଷ୍ୟ ଏବେ ନିଜର ପାରିପାର୍ଶ୍ୱିକ ସ୍ଥିତି, କର୍ମକ୍ଷେତ୍ର, ସାମାଜିକ ଅବସ୍ଥା , ପାରିପାର୍ଶ୍ୱିକ ଅବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁକୁ ନିୟନ୍ତ୍ରଣ କରିପାରିବାର କ୍ଷମତା ରଖୁଛି । ନିଜ ବୁଦ୍ଧି ବଳରେ ମଣିଷ ଏବେ ସେହି ଗ୍ରହ ନକ୍ଷତ୍ରମାନଙ୍କ ପାଖରେ ପହଞ୍ଚି ବିଭିନ୍ନ ମହାଜାଗତିକ ପିଣ୍ଡ ଗୁଡ଼ିକ ବିଷୟରେ ଗବେଷଣା କରୁଛି ସତ ତଥାପି ମନୁଷ୍ୟ ନିଜ ବିଶ୍ୱାସରୁ ବାହାରି ଯାଇ ପାରି ନାହିଁ ଯେ, ଗ୍ରହ ନକ୍ଷତ୍ର ମାନଙ୍କ ଯୋଗୁଁ ତାର ଜୀବନରେ ପରିବର୍ତ୍ତନ ମଧ୍ୟ ଆସୁଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ହେଉଛି ଏକ ଉପାଦେୟ ଗ୍ରନ୍ଥ ଯାହା ବେଦର ମଧ୍ୟ ପ୍ରଧାନ ଅଙ୍ଗ। ତେଣୁ ଜ୍ୟୋତିଷଶାସ୍ତ୍ର କେଉଁ ପୁରାତନ ଓ କେଉଁ ଅନନ୍ତ କାଳରୁ ପ୍ରଚଳିତ ଅଛି। ଆର୍ଯ୍ୟବ୍ରତର ପୂର୍ବ ଋଷିମୁନି, ଯେଉଁମାନେ କି ମହାଜ୍ଞାନୀ, ଜ୍ୟୋତିର୍ବିଜ୍ଞାନି ସେମାନେ ବିଦ୍ୟାକୁ ଆବିଷ୍କାର କରିଛନ୍ତି। ଏ ବିଦ୍ୟାର ଆବଶ୍ୟକତା ମାନବ ସମାଜ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ରହିଛି । ତେଣୁ ଜ୍ୟୋତିଷଶାସ୍ତ୍ର ସଦାସର୍ବଦା ଥିଲା, ରହିଛି ଆଉ ଯୁଗ ଯୁଗ ଧରି ରହିଥିବ ମଧ୍ୟ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ପିଲାଙ୍କ ମହାଭାରତ-୫୦


ନିତ୍ୟାନନ୍ଦ ପଣ୍ଡା

## ବିନ୍ଧ୍ୟପର୍ବତ ମଥା ନୁଆଁଇଲା-୧



ପାଣ୍ଡବମାନେ ରାଜ୍ୟଛଡ଼ା ହୋଇ ବନବାସରେ ବାହାରିଯିବା ପରେ ଇନ୍ଦ୍ରପ୍ରସ୍ଥର ଅନେକ ବ୍ରାହ୍ମଣ ସେମାନଙ୍କୁ ଅନୁସରଣ କରୁଥିଲେ । ଅର୍ଜୁନ ପାଶୁପତ ଅସ୍ତ୍ର ଉଦ୍ଦେଶ୍ୟରେ ବାହାରିଯିବା ପରେ, ଜଣେ ବ୍ରାହ୍ମଣ ସନ୍ନ୍ୟାସୀ- ନାମ ତାଙ୍କର ଲୋମଶ - ଯୁଧିଷ୍ଠିରଙ୍କ ନିକଟରେ ପହଞ୍ଚିଲେ । ସେ ଦେଖିଲେ ଅନେକ ବ୍ରାହ୍ମଣଙ୍କ ଗହଣରେ ଯୁଧିଷ୍ଠିର ରହିଛନ୍ତି ।

ଲୋମଶ କହିଲେ- ଏତେ ବ୍ରାହ୍ମଣଙ୍କୁ ସାଥିରେ ନେଉଛ, ତୁମର ଅସୁବିଧା ହେଉନାହିଁ ?

ଯୁଧିଷ୍ଠିର କହିଲେ- କ'ଣ କରିବି ? ଆନୁଗତ୍ୟ ଦୃଷ୍ଟିରୁ ସେମାନେ ଆମକୁ ଅନୁସରଣ କରୁଛନ୍ତି ।

ଲୋମଶ କହିଲେ- ବ୍ରାହ୍ମଣମାନଙ୍କୁ ରାଜ୍ୟକୁ ପଠେଇଦିଅ । ଏତେ ଅନୁଚର ରହିଲେ ତୁମେ ମୁକ୍ତଭାବେ ରହିପାରିବ ନାହିଁ । ବହୁ ଅସୁବିଧାର ସମ୍ମୁଖୀନ ହେବ ।

ସେଇଆ ହେଲା । ଯୁଧିଷ୍ଠିର ସମ୍ମାନର ସହିତ ବ୍ରାହ୍ମଣମାନଙ୍କୁ ବିଦାୟ ଦେଲେ । ଏବଂ ତୀର୍ଥଯାତ୍ରାରେ ବାହାର ହେଲେ । ବିଭିନ୍ନ ତୀର୍ଥସ୍ଥାନ ଓ ସେଗୁଡ଼ିକ ପଛରେ ଥିବା ପରମ୍ପରା ଓ କାହାଣୀ ଶୁଣି ସେ ଆନନ୍ଦ ପାଇଲେ । ଦକ୍ଷିଣ ଭାଗରେ ବୁଲୁଥିବା ସମୟରେ ଶୁଣିଥିଲେ ଋଷି ଅଗସ୍ତ୍ୟଙ୍କ କାହାଣୀ ।

ଦିନକର କଥା । ଋଷି ଅଗସ୍ତ୍ୟ ଦେଖିଲେ କେତେଜଣ ମଣିଷ ମୁଣ୍ଡତଳକୁ କରି ଗଛରୁ ଝୁଲୁଚନ୍ତି । ଅଗସ୍ତ୍ୟ ପଚାରିଲାରୁ ସେମାନେ କହିଲେ- ଆମେ ହେଉଛୁ ତୁମର ପୂର୍ବପୁରୁଷ । ଆମେ ଆସିଛୁ ତୁମକୁ ଗୋଟେ କଥା କହିବାକୁ । ଯେ, ତୁମେ ଅବିବାହିତ ରହିଲେ ଆମକୁ କିଏ ପିଣ୍ଡଦେବ ? ତେଣୁ ଆମର ଆତ୍ମାର ଶାନ୍ତି ପାଇଁ ତୁମେ ବିବାହ କର ।

ଅଗସ୍ତ୍ୟ କହିଲେ- ହଁ ବିବାହ କରିବି ।

ବିଦର୍ଭ ରାଜ୍ୟର ରାଜା ନିଃସନ୍ତାନ ଥିଲେ । ସେଥିପାଇଁ ସେ ବହୁ ଦୁଃଖ ପାଉଥିଲେ । ସନ୍ତାନ ଆଶାରେ ସେ ଅଗସ୍ତ୍ୟଙ୍କ ଆଶୀର୍ବାଦ କାମନା କରି ତାଙ୍କ ଆଶ୍ରମରେ ପହଞ୍ଚିଲେ ଓ ବିନତି କଲେ ।

ଅଗସ୍ତ୍ୟ କହିଲେ- ରାଜା, ତୁମର କନ୍ୟା ସନ୍ତାନଟିଏ ଜନ୍ମ ହେବ । କିନ୍ତୁ ତୁମେ ମୋ ସହ କନ୍ୟାର ବିବାହ କରିବ । ରାଜି ?

ରାଜା 'ହଁ' କଲେ ।

ଯଥା ସମୟରେ ରାଣୀଙ୍କଠୁ ସୁନ୍ଦରୀ କନ୍ୟା ସନ୍ତାନଟିଏ ଜନ୍ମହେଲା । ତା'ର ନାମ ରହିଲା ଲୋପାମୁଦ୍ରା ।

ବର୍ଷ ପରେ ବର୍ଷ ବିତିଲାଗିଲା । ଲୋପାମୁଦ୍ରା ଜଣେ ଅନିନ୍ଦ୍ୟ ସୁନ୍ଦରୀ ଭାବେ ଉଭାହେଲେ, କ୍ଷତ୍ରିୟ କୁଳରେ । କିନ୍ତୁ କୌଣସି ରାଜକୁମାର ତା'ର ପାଣିପ୍ରାର୍ଥୀ ହେଲେ ନାହିଁ । ଅଗସ୍ତ୍ୟଙ୍କ ଭୟରେ ।

ରାଜାଙ୍କର ଇଚ୍ଛାନଥିଲା ଜଣେ ଅରଣ୍ୟ ନିବାସୀଙ୍କୁ ପ୍ରିୟ କନ୍ୟା ଦାନ କରିବାକୁ । ରାଜପ୍ରାସାଦରେ ଅତି ଗେହ୍ଲାରେ ବଢ଼ିଛି ଝିଅ, କେମିତି ଚଳିବ ଅରଣ୍ୟରେ ! ରାଜା ସବୁବେଳେ ଚିନ୍ତିତ ରହିଲେ ।

ଦିନେ ଅଗସ୍ତ୍ୟ ପହଞ୍ଚିଗଲେ ରାଜପ୍ରାସାଦରେ ଏବଂ ତାଙ୍କର ଶପଥକଥା ମନେ ପକେଇଦେଲେ ।

ଲୋପାମୁଦ୍ରା ଶୁଣିଲେ ବାପାଙ୍କ ଶପଥ ସଂପର୍କରେ । ସେ ସ୍ୱେଚ୍ଛାରେ ଅଗସ୍ତ୍ୟଙ୍କୁ ବରଣକଲେ । ସେ ନିଜ ଶରୀରରୁ ସମସ୍ତ ଆଭୂଷଣ ଖୋଲିପକେଇଲେ । ଏବଂ ବନବାସୀ ବେଶରେ ଅଗସ୍ତ୍ୟଙ୍କ ସହ ବନଗମନ କଲେ ।

ଦିନେ ଲୋପାମୁଦ୍ରା କହିଲେ- ସ୍ୱାମୀ ! ମୁଁ ରାଜକନ୍ୟା ଭାବେ ଯେଉଁ ଅଳଙ୍କାର ପିନ୍ଧିଥିଲି, ତାହା ମୋର ପରିଚାରିକାଙ୍କ ମଧ୍ୟରେ ବଣ୍ଟନ କରିଦେଇଛି । ମୋର ସ୍ୱାମୀ ଇଚ୍ଛାକଲେ ମୋତେ ଜଗତର ସର୍ବଶ୍ରେଷ୍ଠ ଆଭୂଷଣ ଦେଇପାରିବେ ଏବଂ ଆମେ ସାଂସାରିକ କର୍ମ ନିର୍ବାହ କରିପାରିବା ।

ଅଗସ୍ତ୍ୟ କହିଲେ- ଦେବି ! ତପବଳରେ ଯେଉଁ ଅଳଙ୍କାର ପ୍ରାପ୍ତ ହେବ ତା'ର ସ୍ଥାୟୀତ୍ୱ ବହୁତକମ୍ । ସୁତରାଂ, ମୋତେ ଧନୀ ରାଜାଙ୍କୁ ଭିକ୍ଷା ମାଗିବାକୁ ପଡ଼ିବ ।

ସେହି ଉଦ୍ଦେଶ୍ୟରେ ସେ ବିଭିନ୍ନ ରାଜାମାନଙ୍କ ପାଖକୁ ଗଲେ । ଉଦ୍ଦେଶ୍ୟ କହିଲେ । କିନ୍ତୁ ରାଜାମାନେ ରାଜ୍ୟର ଆୟବ୍ୟୟ ତାଲିକା ଦେଖେଇ ଉଦ୍‌ବୃତ୍ତ ସଂପଦ ନଥିବା କଥା କହିଲେ ।

ଅଗସ୍ତ୍ୟ ଶେଷକୁ ଠିକ୍‌କଲେ- ଅସୁରରାଜା ଇଲ୍ୱଳଙ୍କୁ ସାହାଯ୍ୟ ମାଗିବେ । ସେ ପହଞ୍ଚିଲେ ଇଲ୍ୱଳଙ୍କ ପାଖରେ । ରାଜା ଇଲ୍ୱଳ ସ୍ୱାଗତ ଜଣେଇଲେ ଅଗସ୍ତ୍ୟଙ୍କୁ ।

ମାତ୍ର ଇଲ୍ୱଳ ବ୍ରାହ୍ମଣମାନଙ୍କୁ ଘୃଣା କରୁଥିଲେ । ସେ କପଟକରି ବ୍ରାହ୍ମଣମାନଙ୍କୁ ପ୍ରାସାଦକୁ ନିମନ୍ତ୍ରଣ କରୁଥିଲେ ଓ ଛଳକରି ବ୍ରାହ୍ମଣଙ୍କୁ ହତ୍ୟା କରୁଥିଲେ ।

କଥା ହେଉଛି, ଇଲ୍ୱଳଙ୍କର ଗୋଟିଏ ସାନ ଭାଇ ଥିଲା । ତା'ର ନାମ ବାତାପି । ସେ ଯାଦୁବଳରେ ସାନଭାଇ ବାତାପିକୁ ଛେଳିଟିଏରେ ପରିଣତ କରିଦେଉଥିଲେ ଏବଂ ତାକୁ ମାରି ତା'ର ମାଂସ ଖାଇବାକୁ ଦେଉଥିଲେ ଅତିଥି ବ୍ରାହ୍ମଣଙ୍କୁ ।

ପରେ ମନ୍ତ୍ରବଳରେ ସାନଭାଇ ବାତାପିକୁ ଡାକୁଥିଲେ ବ୍ରାହ୍ମଣର ପେଟ ଭିତରୁ ବାହରି ଆସିବାକୁ । ବାତାପି, ବ୍ରାହ୍ମଣର ପେଟ ଫଟେଇ ବାହାରି ଆସୁଥିଲା । ବ୍ରାହ୍ମଣ ମରିଯାଉଥିଲା । ଏହି ଉପାୟରେ ସେମାନେ ଅନେକ ବ୍ରାହ୍ମଣଙ୍କୁ ନିପାତ କରିଥିଲେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଶିଳ୍ପୀ ବିଶ୍ୱକର୍ମା

*ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ*

କନ୍ୟା ସଂକ୍ରାନ୍ତିରେ ଶିଳ୍ପୀ ବିଶ୍ୱକର୍ମା
ହୋଇଥିଲେ ଆବିର୍ଭୂତ-
ମାତା ଯୋଗସିଦ୍ଧା ପିତା ପ୍ରଭାସଙ୍କ
ଥିଲେ ସେ ସୁଯୋଗ୍ୟ ସୁତ,
ବ୍ରହ୍ମାଙ୍କର ନାଭି କମଳୁ ସେ ଯାତ
କହିଥାନ୍ତି କେହି କେହି-
ତାଙ୍କ ନିରିଦେଶେ ସାରା ଜଗତକୁ
ହାତେ ଗଢ଼ିଛନ୍ତି ସେହି,
ଶିଳ୍ପୀ ମାନଙ୍କର କୁଳ ଦେବତା ସେ
ସକଳ ଶିଳ୍ପର ସ୍ରଷ୍ଟା-
ଦୁନିଆ ଆଖିରେ ଅଟନ୍ତି ତ ସିଏ
ନବ ନିର୍ମାଣର ଦ୍ରଷ୍ଟା,
ସେ ନବ କିଶୋର ଅତୀବ ସୁନ୍ଦର
ନୁହଁନ୍ତି କେ ତାଙ୍କ ପରି-
କନ୍ଦର୍ପଙ୍କ ସମ ତାଙ୍କ ଅଙ୍ଗେ ଥିଲା
ଦିବ୍ୟ ଆକର୍ଷଣ ଭରି,
ତିନି ହାତେ ତାଙ୍କ ବଟାଳି ମାର୍ତ୍ତୁଲି
ଚକ୍ର ଆଦି ଶୋଭାପାଏ-
ଡାହାଣ ହାତଟି ଜଗତ ଜନଙ୍କୁ
ଆଶିଷ ପ୍ରଦାନୀ ଥାଏ,
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ
କେ ନୁହେଁତ ତାଙ୍କ ସରି-
ସରଗଧାମର ଅମରାବତୀ ଯେ
ତାଙ୍କ ଶେଷ୍ଠ କାରିଗରୀ,
ଦେବା ଦେବୀଙ୍କର ଅସ୍ତ୍ର ଶସ୍ତ୍ର ସାଥେ
ରହିଛି ଯେତେ ବିମାନ-
ସେସବୁ ଅଟଇ ତାଙ୍କ ସୃଜନର
ଅନୁପମ ଉପାଦାନ,
ଗଜ ବାହନରେ କରନ୍ତି ଗମନ
ହୋଇ ସେତ ସଜବାଜ-
ତାଙ୍କ ଦରଶନେ ସନ୍ତୋଷ ପ୍ରକାଶ
କରିଥାନ୍ତି ଦେବରାଜ,
ତାଙ୍କୁ ଭକତିରେ ପୂଜିବା ସଭିଏଁ
ଦେଇ ଧୂପ ଦୀପ ଭୋଗ-
ଜୀବନରେ ଆମ ପଡ଼ିବ ନିଶ୍ଚୟ
ପବିତ୍ର ମାହେନ୍ଦ୍ରଯୋଗ ।

*କଣ୍ଟାବଣିଆ, ଛତ୍ରପଡ଼ା,*
*ପ୍ରୀତିପୁର, ଯାଜପୁର*

# ଦେବଶିଳ୍ପୀ ବିଶ୍ୱକର୍ମା

*ନଳିନୀ ଦାଶ*

ଦେବଶିଳ୍ପୀ ବିଶ୍ୱକର୍ମା ଯେ ଅଟନ୍ତି
ଶିଳ୍ପୀଙ୍କ କୁଳଦେବତା
ସମଗ୍ର ସୃଷ୍ଟିକୁ ରଚନା କରିଲ
ଶିଳ୍ପକଳାର ନିର୍ମାତା ।
ତୁମରି ହାତର ଯାଦୁରେ ଦିଶଇ
ସୁନ୍ଦର ଆମର ଧରା
ବିଚକ୍ଷଣ ଜ୍ଞାନ ବୁଦ୍ଧିକୁ ଜାଣିଲା
ଆମ ଏ ଜଗତ ସାରା ।
ଜନମ ଦିନରେ ପୂଜା ପାଇଁ ସଜ
ହୋଇଲେଣି ବିଶ୍ୱଜନେ
ହାତରେ ବଟାଳି ମାର୍ତ୍ତୁଳ ଧରିକି
ଆସ ହରଷିତ ମନେ ।
ତୁମ ଆଗମନେ ମରତଭୂଇଁରେ
ମଣ୍ଡପ ହେଲାଣି ସଜା
ପୁରୋହିତ ମନ୍ତ୍ର ଶୁଭିଲାଣି କାନେ
ବାଜିଲାଣି ଘଣ୍ଟ ବାଜା ।
ଦିବ୍ୟ ବସ୍ତ୍ର ପିନ୍ଧି ମଥାରେ ମୁକୁଟ
ଗଳାରେ ରତନ ହାର
କାନକୁ ଶୋଭିତ ମକର କୁଣ୍ଡଳ
ଦିଶେ କେଡ଼େ ମନୋହର ।
ଅତୀବ ସୁନ୍ଦର ଚେହେରା ତୁମର
ଦେବଶିଳ୍ପୀ କାରିଗର
ତୁମ ପାଖେ ସବୁ ନିହିତ ରହିଛି
ସୃଷ୍ଟି ଲାଗଇ ସୁନ୍ଦର ।
ଏ ପୂଣ୍ୟ ତିଥିରେ ଗଜ ବାହାନରେ
ମରତ ଭୂଇଁକୁ ଆସ
ଶିଳ୍ପ ପ୍ରତିଷ୍ଠାନେ ସଭିଏଁ ପୂଜନ୍ତି
କର ତାହାର ବିକାଶ ।
ତୁମର ଆଶିଷ ଢାଳ ଦେବଶିଳ୍ପୀ
ନୂତନ ନିର୍ମାଣ କର
ସବୁରି ମନରେ ଆନନ୍ଦ ଉତ୍ସାହ
ସ୍ନେହ ଶ୍ରଦ୍ଧା ଭକ୍ତିଭର ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ସୁନା ପିଲାଟିଏ ହୋଇବ



*ସୁରମା ମିଶ୍ର*

ପ୍ରଭୁଙ୍କୁ ସ୍ମରଣ କରିବ
ପାଠେ ସଦା ଧ୍ୟାନ ରଖିବ
ପାଠତ ଅମୂଲ୍ୟ ଧନରେ
କିଏ ହେବ ତାର ସମରେ ॥

ଏକଥାଟି ମନେ ପକାଇ
ପଢ଼ାରେ ଯିବରେ ଆଗେଇ
ବହିଟିକୁ ସାଥୀ କରିବ
ତା ସାଥେ ସମୟ ବିତିବ ॥

ଜ୍ଞାନର ଭଣ୍ଡାର ସିଏରେ
ଅଜ୍ଞାନ ଦୂରେଇ ଦିଏରେ
ହେବ ଯଦି ତୁମେ ବଡ଼ରେ
ଜିଣିବ ନିଶ୍ଚୟ ଗଡ଼ରେ ॥

ପରୀକ୍ଷା ଆସୁଛିରେ ପରୀକ୍ଷା
କରିବନି କେବେ ଅଣଦେଖା
ମନଦେଇ ପାଠ ପଢ଼ିବ
ପାଠରେ ହେଳା ନ କରିବ ॥

ସକାଳୁ ସଅଳ ଉଠିବ
ନିତ୍ୟକର୍ମ ସବୁ ସାରିବ
ମାଆ ଯାହା ଦେବେ ଖାଇବ
ଅବୁଝା କେବେ ନ ହୋଇବ ॥

ଏକଥାଟି ମନେ ରଖିବ
ସୁନା ପିଲାଟିଏ ହୋଇବ ॥

*ବିଏଲ-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଦେବଶିଳ୍ପୀ ବିଶ୍ୱକର୍ମା...

*ରାମଚନ୍ଦ୍ର ବେହେରା*



କନ୍ୟା ସଂକରାନ୍ତି ଆସୁଅଛି ମିତ
ତୋରଣ ହେଲାଣି ସଜା
ପ୍ରଭୁ ବିଶ୍ୱକର୍ମା ମର୍ତ୍ତ୍ୟକୁ ଓହ୍ଲାଇ
ମଣ୍ଡପେ ପାଇବେ ପୂଜା ।

ଦେବଶିଳ୍ପୀ ରୂପେ ବିଶ୍ୱରେ ପୂଜିତ
ଧନ୍ୟ ତାଙ୍କ କଳା କୃତୀ
ସ୍ୱର୍ଣ୍ଣମୟୀ ଲଙ୍କା ଦ୍ୱାରକା ଭବନ
ତାଙ୍କରି ଅଦ୍ଭୁତ ସୃଷ୍ଟି ।

ପ୍ରଭୁ ଜଗନ୍ନାଥ ଲକ୍ଷ୍ମୀଙ୍କ ଉଆସ
ତାଙ୍କରି ଅମୂଲ୍ୟ ଦାନ
ତାଙ୍କ ଆଗମନେ ହସୁଛି ସଂସାର
ପୁଲକିତ ତନୁ ମନ ।

ଶିଳ୍ପୀକୁଳର ସେ ଆରାଧ୍ୟ ଦେବତା
ତାଙ୍କ କରୁଣା ଅପାର
ବିଶ୍ୱ ନିର୍ମାଣରେ ସିଏ ଅନ୍ୟତମ
ଯା'ପାଇଁ ଧରା ସୁନ୍ଦର ।

ତାଙ୍କ ମଣ୍ଡପକୁ ବୁଲିଯିବା ମିତ
ଦେଖିବା ପୂଣ୍ୟ ଆଳତୀ
ଦେଶ ବିକାଶରେ ସାହା ହେବା ପାଇଁ
କରିବା ତାଙ୍କୁ ବିନତୀ ।

ଦୀପଟିଏ ଜାଳି ପ୍ରଭୁଙ୍କୁ ଡାକିବା
ବିନମ୍ର ପ୍ରଣତି ଢାଳି
ସାରା ବିଶ୍ୱବାସୀ ଖୁସୀରେ ରୁହନ୍ତୁ
କରିବା ତାହାଙ୍କୁ ଅଳି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ବିଶ୍ୱକର୍ମା ପୂଜା

*ଦଶରଥ ମାଝୀ*

ବିଶ୍ୱକର୍ମା ପୂଜା ସେପ୍ଟେମ୍ବର ମାସ
ସତର ତାରିଖ ଦିନ
ଶିଳ୍ପ ଅସ୍ତ୍ର ଶସ୍ତ୍ର ବେପାର ବାଣିଜ୍ୟ
ଆଦିରେ ହୁଏ ପୂଜନ (୧)
ସ୍ନାନ କଲା ପରେ ଗଙ୍ଗା ଜଳ ସିଞ୍ଚି
ହୁଏ ବସ୍ତ୍ର ପରିଧାନ
ପୂଜା ଆସ୍ଥାନରେ ସଫା କନା ରଖି
ହୁଏ କଳସ ସ୍ଥାପନ (୨)
ଧୂପ ଦୀପ ଝୁଣା ଦେବା ସହ ପୁଣି
ଚନ୍ଦନ ସିନ୍ଦୁର ଫୁଲ
ଗାଡି ପୂଜା ମଧ୍ୟ ଏହି ଦିନ ହୁଏ
ଦେଇ ସେଓ ମିଠା ଫଳ (୩)
ଭୋଗ ଦେଲା ପରେ ବନ୍ଦାପନା କରି
ଦେଇଥାଏ ପୁଷ୍ପାଞ୍ଜଳି
ବିଶ୍ୱକର୍ମା ପୂଜା ଭକ୍ତିରେ କରନ୍ତି
ଧନ ବୃଦ୍ଧି ହୁଏ ବୋଲି (୪)

*କୁରୁମାଗୁଆଁ,ଭବାନୀପାଟଣା,କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*





# ଭୁଦିଆ ଖରା

*ଧ୍ରୁବ ଚରଣ ଘିବେଲା*

ଖରାଦିନ ଭଳି ଭୁଦିଆ ଖରା
ଭୁଦ ମାସେ ପୁଣି ଟାଆଣ ଖରା ।
ଖରାଦିନ ସମ ଦେହରୁ ଝାଳ
ବହେ ଗମଗମ ଝାଳର ଝର ।
ଧନୁତୀର ପ୍ରାୟ ଖରା ଭେଦିଲା
ଚରା ଖାଇବାକୁ ବାଘ ଡରିଲା ।
କାମ ଥିଲେ ହାତେ ଧରିଲେ ଛତା
ଭୁଦିଆ ଖରାକୁ ରହେନି ଚିନ୍ତା ।
କି ଟାଣ ଖରା ସେ ଭୁଦିଆ ଖରା
ବାଘ ରହିଯାଏ ନଖାଇ ଚରା ।
ବାଘ ସିନା ଡରେ ସେଇ ଖରାକୁ
ଡରେନି କୃଷକ ଧାଏଁ କ୍ଷେତକୁ ।
ଅଗାଡ଼ି ସବୁକୁ ବାଛିବା ପାଇଁ
କୃଷକ ଭାଇଟି କାମରେ ଥାଇ ।
ଭୁଦ ମାସେ ହୁଏ ପ୍ରବଳ ଖରା
ନଥାଏ ବରଷା ଶୁଖିଲା ଧରା ।
ଶରତ ଋତୁର ଭାଦ୍ରବ ମାସ
ବାଟେଘାଟେ ଦିଶେ କାଶର ହସ ।
ଖରା ଆଉ ତୋରା ପାଇଁ ନାଁକରା
ଶରତର ଭୁଦ ମାସ ନିଆରା ।
ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥି
ପାଠଦିଅଁଙ୍କର ଜନମ ତିଥି ।
ନୂଆଖାଇ ପର୍ବ ତା' ପରଦିନ
ନୂଆଖାଇ କରି ପର୍ବ ପାଳନ ।
ଭୁଦିଆ ଖରାକୁ ନାହିଁ ଖାତର
ପର୍ବ ପାଳନରେ ମଜା ଅପାର ।

*ବଉଦରାଜ-୭୬୨୦୧୪,ବୌଦ୍ଧ*
*ମୋ-୯୪୩୭୪୭୮୪୬୬*





# ଯବାନ୍ ହେବି ମୁଁ

*ମନୋରମା ମିଶ୍ର*

ପାଠ ପଢିବି ମୁଁ ପାଠ ପଢିବି,
ପାଠ ପଢି ସାରି ଯବାନ୍ ହୋଇ ମୁଁ
ଦେଶ ମାଆକୁ ମୋ ରକ୍ଷା କରିବି ।

ଆମରି ଦେଶର ଯବାନ୍ ଭାଇ,
ଦେଶ ସୀମାନ୍ତରେ ଶତ୍ରୁ ସଙ୍ଗେ ଲଢି
ସୁରକ୍ଷା ଆମକୁ ଦିଅନ୍ତି ସେହି ।

କି ସୁନ୍ଦର ମୋର ଭାରତ ଭୂଇଁ,
ପ୍ରକୃତି ତା' ଦେହେ ଯତନେ ଖଞ୍ଜିଛି
ବନ ପରବତ ସାଗର ନଈ ।

ଭାରତ ମାତାର ସନ୍ତାନ ମୁହିଁ,
ତା' ପାଣି ପବନ ପାଇ ମୁଁ ବଢ଼ିଛି
ଦୁଃଖ ତା'ର ଜମା ସହିବିନାହିଁ ।

ମୋ' ଦେଶେ ଅରାତି ହୋଇ ପ୍ରବଳ
ସୁଖଶାନ୍ତି ସବୁ ନଷ୍ଟ କରିଦେଇ
ନିରୀହଙ୍କ ପାଇଁ ହୁଅନ୍ତି କାଳ ।

ଦେଶ ପାଇଁ ପଛେ ଯାଉ ଜୀବନ,
ଯବାନ୍ ହୋଇ ମୁଁ ଶତ୍ରୁଙ୍କୁ ନାଶିବି
ରଖିବି ମୋ ଜନ୍ମଭୂମିର ମାନ ।

*ନୀଳାଦ୍ରିବିହାର,ଭୁବନେଶ୍ୱର-୨୧*
*ମୋ-୯୮୬୧୫୭୮୫୩୨*

# ଆସିଛି ଏବେରେ ଶରତ

*ନୀଳମଣି ଚାନ୍ଦ*



ଏକ ଦଶ ଚାରି ଚଉଦ
ଆକାଶରେ ଧଳା ବଉଦ
ବରଷାର ବଳ ତୁଟିଲା
ନଈପଠାଟିରେ କାଶତଣ୍ଡି ବୁଦା
ଧଳା ଧଳା ଫୁଲ ଫୁଟିଲା ।
ଏକ ଦଶ ଚାରି ଚଉଦ
ବଉଦ ଗଡ଼ଇ ସଉଧ
ଶେଫାଳି ଫୁଲଟି ଫୁଟିଲା
କିଏରେ କହିଲା ଚଉଦିଗକୁ ତା
ମହକ ସିନାରେ ଛୁଟିଲା ।

ଏକ ଦଶ ଚାରି ଚଉଦ
ବାରିପଦା ଅବା ବଉଦ
ସବୁଠାରେ ନଈଧାରଟି
ନାହିଁ ନାହିଁ ଆଉ ଜମାରୁ ଗୋଳିରେ
ଏବେ ଅଭ୍ର ରଙ୍ଗ ତା'ରଟି ।
ଏକ ଦଶ ଚାରି ଚଉଦ
ଲୁଚିଗଲା କଳା ବଉଦ
ଆସିଛି ଏବେରେ ଶରତ
ଦଶ'ରା, କୁଆଁର ପରବକୁ ନେଇ
ହସିବରେ ଆମ ମରତ ।

*୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଘାଣ୍ଟ ତରକାରି ସୁଆଦ ଭାରି

*ଜୟକୃଷ୍ଣ ସାହୁ*

ବୋଉ ହାତ ରନ୍ଧା ଘାଣ୍ଟ ତରକାରି
ସୁଆଦ ଲାଗଇ ଭାରି
ଆମ ପାଇଁ ଘାଣ୍ଟ ରାନ୍ଧିଦେଏ ବୋଲି
କହିଲି ମୁଁ ଅଳିକରି
ବୋଉ କହିଲାରେ 'ଧନ !,
ଆଗକୁ ଆସୁଛି ଦୁତୀୟା ଓଷା ମୋ
ଘାଣ୍ଟ ହେବ ପରଦିନ ।'
ଘାଣ୍ଟ ପୂର୍ବଦିନ ଯୋଗାଡ଼ି ରଖିଲା
ଗଜାମୁଗ, ବୁଟ, ଓଉ
ସାରୁ, ଆଳୁ, ମୂଳା, କଖାରୁ, କଦଳୀ
ସଜାଡ଼ି ରଖିଲା ବୋଉ
ଗରମ ମସଲା ଜିରା,
ଅଦା, ଲଙ୍କା ଦେଇ ରାନ୍ଧିଦେଲା ଘାଣ୍ଟ
ତା'ସୁଆଦ ଅପାଶୋରା ।
ବୋଉ ରାନ୍ଧୁଥାଏ ଘାଣ୍ଟ ତରକାରି
ମହକାଇ ଆମ ଘର
ରନ୍ଧା କାମ ଏବେ ସରିଲା କି ନାହିଁ
ଉଣ୍ଡୁଥାଏ ବାର ବାର
ବରଷକେ ଥରେ ଆସି,
ଘାଣ୍ଟ ଦେଇଥାଏ ନିଆର ସୁଆଦ
ଭରିଦେଇ ହସ ଖୁସି ।

*କପିଳପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*



# ମୋ କକା-ଗୋଟେ ମିଛ କୁହ-୨

## ଜଣେ ସ୍ୱାମୀଜୀଙ୍କ ଦ୍ୱାରା ବର୍ଣ୍ଣିତ

## ଓଡ଼ିଆ ଅନୁବାଦ: ପ୍ରତିଭା ମଞ୍ଜରୀ ଦେବୀ


ପ୍ରତିଭା ମଞ୍ଜରୀ ଦେବୀ



ଗୋପୁ ଆମ ସମସ୍ତଙ୍କ ଠାରୁ ଚାଲାଖ ଚତୁର ଥିଲା ସେ ମୃଦୁ ହସି କହିଲା, ଦିନେ ସ୍କୁଲରୁ ଆସୁଥିଲା ବେଳେ, ଦୁଇଟି ଚଢେଇ ତାଙ୍କ ପିଠି ତଳକୁ ଭୂମି ଆଡକୁ କରି ଏବଂ ଜହ୍ନକୁ ଅନାଇ ଉଡୁଥିବାର ଦେଖିଲି ଏବଂ ଯେତେବେଳେ ସେମାନେ ଗୀତ ଗାଉଥିଲେ ତାଙ୍କ ମୁହଁରୁ ମହୁ ଝରୁଥିଲା, ସେ ମହୁକୁ ମୁଁ ମୋର ଭୂଗୋଳ ବହିରେ ସଂଗ୍ରହ କରି ଘରକୁ ଫେରୁଥିଲା ବେଳେ ପିଇ ପିଇ ଆସିଲି । ଆମେ ସମସ୍ତେ ତାଳି ମାରିଲୁ,ଏବଂ କକା କହିଲେ ଏଇଟା ଗୋଟେ ବଢିଆ ମିଛ, ଚନ୍ଦ୍ରର ପାଳି, ତୁମେ ଏବେ କୁହ ଆମେ ଶୁଣିବୁ ।

ଚନ୍ଦ୍ର ଏମିତିରେ ଗୋଟେ ଭାରି ଲାଜକୁଳା ପିଲା । ସେ ଭାବୁଥିଲା, କକା ତାକୁ ଉତ୍ସାହିତ କଲେ ଆମେ ବାଧ କଲୁ, ତେଣୁ ସେ କହିଲା, ସେଦିନ ଆମ ଗାଈଟା ହଜିଯାଇଥିବାରୁ ମା' ଭାରି ବ୍ୟସ୍ତ ହେଉଥିଲେ । ଏହି ସମୟରେ ବହୁତ ଝଡ ବର୍ଷା ହେଲା ଏବଂ ବନ୍ୟା ପାଣି ପରି ଘରର ଛାତରୁ ଜୋର୍‌ରେ ପାଣି ଗଳିଲା । ଆମେ ଜାଣିପାରୁନଥିଲୁ ଛାତରୁ କାହିଁକି ଏପରି ପାଣି ଗଳୁଛି, ତେବେ ଆମ ଜେଜେ ବାପା ଛାତ ଉପରକୁ ଯାଇ ଦେଖିଲେ, ଆମ ଗାଈ ଛାତ ଉପରେ ଠିଆ ହୋଇ ଟାଇଲ୍ ସବୁ ଖାଉଛି, ସେତେବେଳକୁ ସେ ଆମ ଶୋଇବା ଘରର ଟାଇଲ ସବୁ ଖାଇସାରିଥିଲା । ଜେଜେବାପା ଗାଈକୁ ଜଳ ନିର୍ଗମ ନଳ ବାଟେ ତଳକୁ ଆଣିଲେ ଏବଂ ଗାଈ ଆମ ବିଛଣାରେ ଶୋଇଲା । ଆମେ ସେଦିନ ଆରାମରେ ଗୁହାଳରେ ଶୋଇଲୁ । ଆମେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲୁ । ଚନ୍ଦ୍ର ଏତେ ବଡ ମିଛ କହିପାରିବ ବୋଲି ଭାବିନଥିଲୁ, ଆମେ ସବୁ ବହୁତ ତାଳି ମାଡ କଲୁ ।

ଏବେ କକାଙ୍କ ଆଖି ପଡିଲା ଗୌରି ଉପରେ । କହିଲେ, ଏବେ ତୁମେ ତୁମ କାହାଣୀ କୁହ, ଗୌରି ଖିଲିଖିଲି ହସି କହିଲା, ଏ କଥାକୁ କେହି ବିଶ୍ୱାସ କରିବେନି, କିନ୍ତୁ ମୁଁ କହୁଛି ଏହା ସତ୍ୟ ଅଟେ । ଯଦି ତୁମେ ଗୋଟେ ଜିଅନ୍ତା ଝିଟିପିଟିକୁ ଘର ଉପରେ ଉଡୁଥିବା କଇଁଚ ଉପରେ ବସି ଖାଇବ ଏବଂ ତୁମ ହାତକୁ ମେଘରେ ପୋଛିବ, ତାପରେ ତୁମ ହାତରେ ଠିଆ ହୋଇ ଯଦି ଗୋଡରେ ତୁମ କେଶକୁ ଘଷିବ, ତେବେ ତୁମେ ମୋ ମା'ଙ୍କ ପରି କେଶ ପାଇବ, କିନ୍ତୁ ଯେଉଁ ଝିଟିପିଟିକୁ ଖାଇଥିବ ସେ ପୁରୁଷ ଝିଟିପିଟି ହୋଇଥିଲେ ତୁମେ ଆମ କକାଙ୍କ ପରି ଚନ୍ଦା ମୁଣ୍ଡିଆ ହୋଇଯିବ । କକାଙ୍କୁ ପଚାର ମୁଁ ସତ କହୁଛି କି ନାହିଁ, ପୁରା ଘରଟା ଆମ ହସରେ ଗୁଞ୍ଜରିତ ହେଲା । ଆମେ ସତରଞ୍ଜି ଉପରେ ହସିହସି ଗଡିଗଲୁ ଏଭଳି ମଜା କଥା ଶୁଣି, କକାଙ୍କ ହସ ତ ତିନି କୋଶ ଦୂରକୁ ଶୁଭୁଥିଲା ।

କକା କହିଲେ ଏବେ ପୁରସ୍କାର ମିଳିବ, ତେବେ ତୁମେ ସବୁ ଝରକା ଖୋଲିଦିଅ ଏବଂ ମିଛ ସବୁ ଉଡି ଯାଉ, ଆମେ ଝରକା ସବୁ ଖୋଲି ନିଜ ନିଜ ସ୍ଥାନକୁ ଫେରି ଆସିଲୁ ।

କକା ତାଙ୍କ ମୁଣିରୁ ଗୋଟେ ପୁଡିଆ କାଢିଲେ । ସେ ତାକୁ ଧୀରେ ଖୋଲିଲେ, ଆମେ ଦେଖିଲୁ ଗୋଟେ ବଡ ମିଶ୍ରି ଖଣ୍ଡ । ସେ କହିଲେ, ଗୋପୁ, ଚନ୍ଦ୍ର ଏବଂ ଗୌରୀ ତୁମେ ସମସ୍ତେ ପୁରସ୍କାର ପାଇବ । ସମସ୍ତଙ୍କୁ ମୁଁ ଏଥିରୁ ଖଣ୍ଡେ ଲେଖା ଦେବି । ସବୁଠୁ ବଡ ଖଣ୍ଡଟି ଚନ୍ଦ୍ରକୁ ଦେବି କାରଣ ସେ ସବୁଠୁ ବଡ ମିଛ କହିଛି । ଅନ୍ୟ ସମସ୍ତଙ୍କୁ ମଧ୍ୟ ଖଣ୍ଡେ ଲେଖା ଏଥିରୁ ଦେବି । ଯେଉଁ ପିଲାଟି ଏହାକୁ ଦୀର୍ଘ ସମୟ ପାଟିରେ ରଖିବ ଏବଂ ଧୀରେ ଧୀରେ ଖାଇବ ସେ ଗୋଟିଏ ସୁନ୍ଦର ଖେଳଣା ପାଇବ ।

ଆମେ ସମସ୍ତେ ବହୁତ ଖୁସି ହେଲୁ । ସମସ୍ତେ ଖଣ୍ଡେ ଖଣ୍ଡେ ସେଥିରୁ ପାଇଲୁ । କକା ହାତରେ ଘଣ୍ଟା ଧରିଲେ, ଆମେ ହାତରେ ମିଠା ଖଣ୍ଡିକ ଧରିଲୁ । କକା କହିଲେ,ଏକ-ଦୁଇ-ତିନି ଏବଂ ଆମେ ମିଠା ଖଣ୍ଡକୁ ପାଟିକୁ ନେଲୁ, କକା ଘଣ୍ଟାକୁ ଦେଖୁଥାନ୍ତି ।

ଓଃ କି କଷ୍ଟ । ଓଃ କି କଦର୍ଯ୍ୟ ଲାଗୁଛି । ଏଇଟା କ'ଣ ? ଆମ ମୁହଁ ବଡ ଅସୁନ୍ଦର ଦିଶିଲା, ଆମେ ତାକୁ ଆଉ ପାଟି ଭିତରେ ରଖି ପାରିଲୁନି, ସେ ଜିନିଷଟାକୁ ପାଟିରୁ କାଢି ସମସ୍ତେ ଏକା ଥରକେ ଫୋପାଡି ଦେଲୁ । ଆମେ ତାକୁ ଖାଇ ପାରିଲୁନି । ଏହାର ସ୍ୱାଦ ବଡ କଦର୍ଯ୍ୟ ଥିଲା । ସେଇଟା ଖଟା-ନା, ପିତା-ନା, କଦର୍ଯ୍ୟ ସ୍ୱାଦ ।

କକା ଆମକୁ ଆଶ୍ଚର୍ଯ୍ୟ ହେଲାପରି ଅନେଇଲେ, ନିଅ, ଖାଅ, କଣ ହେଲା କିରେ ? କକା ପଚାରିଲେ ।

ଏଇଟା ମିଠା ନୁହେଁ, ଏହାର ସ୍ୱାଦ କଦର୍ଯ୍ୟ । ଆମେ ପ୍ରତିବାଦ କଲୁ । ଏଇଟା ମିଠା ନୁହେଁ । କକା କହିଲେ, କିଏ କହିଲା ମିଠା ବୋଲି ? ଏହା ଫିଟିକିରି । ମିଶ୍ରି ପରି ଦେଖାଯାଏ । କିନ୍ତୁ ଏହା ମଶ୍ରି ନୁହେଁ । ପ୍ରକୃତରେ ଏହା ମିଶ୍ରି ନୁହେଁ, ବାରମ୍ବାର କକା କହିଲେ ।

ଆମେ ଭାରି ଦୟନୀୟ ଅବସ୍ଥାରେ ଥିଲୁ । ତାପରେ କକା କହିଲେ, ଆଚ୍ଛା ପିଲାମାନେ ତୁମେ ଜାଣିଛ ମା' କାହିଁକି ମିଛ କହିବା ପାଇଁ ମନା କରନ୍ତି ? ତୁମେ ଯେତେବେଳେ ମିଛ କୁହ, ସେତେବେଳେ ମିଠା ପାଅନି, ପାଅ ଫିଟିକିରି ଯାହାକି ମିଶ୍ରି ପରି ଦେଖାଯାଏ । ସବୁବେଳେ ସତ କହିବ-ହେଲେ ମିଛ କହିବନି । ଯେତେବେଳେ ମିଛ କହିବାକୁ ଯିବ, ଭାବିବ ଏହା ମିଶ୍ରି ନୁହେଁ-ଏହା ଫିଟିକିରି ।

*ସହିଦ ନଗର, ଭୁବନେଶ୍ୱର*

# ଅସଦାଚରଣ ମାମଲା : ପୃଥ୍ୱୀ ଶ'ଙ୍କୁ ୧୦୦ ଟଙ୍କାର ଜରିମାନା



**ନୂଆଦିଲ୍ଲୀ**

ଅଣଦେଖା ହୋଇ ଚାଲିଥିବା ଭାରତୀୟ କ୍ରିକେଟ ଟିମ୍ ବ୍ୟାଟର ପୃଥ୍ୱୀ ଶ'ଙ୍କ ଉପରେ ଲାଗିଛି ୧୦୦ ଟଙ୍କାର ଫାଇନ। ସୋସିଆଲ ମିଡିଆରେ ଚର୍ଚ୍ଚିତ ଚେହେରା ସପ୍ନା ଗିଲ ତାଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଥିଲେ। ହେଲେ ପୃଥ୍ୱୀ ଜବାବ ଦାଖଲ କରିବାରେ ବିଫଳ ହେବାରୁ ତାଙ୍କ ଉପରେ ୧୦୦ ଟଙ୍କାର ଜରିମାନା ଲାଗୁ କରିଛନ୍ତି କୋର୍ଟ।

୨୦୨୪ ଏପ୍ରିଲ ମାସରେ ଡିଣ୍ଡୋଶି ସେସନ୍ସ କୋର୍ଟର ମାଜିଷ୍ଟ୍ରେଟ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ ବିରୋଧରେ ସପନା ଗିଲ ଗୋଟିଏ ଅପରାଧିକ ରିଭିଜନ ପିଟିସନ ଦାଖଲ କରିଥିଲେ। ମାଜିଷ୍ଟ୍ରେଟ କୋର୍ଟ ପୃଥ୍ୱୀଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ମନା କରିଥିଲେ ଓ ପୁଲିସ୍‌କୁ ପ୍ରାଥମିକ ଯାଞ୍ଚ କରିବାକୁ କହିଥିଲେ।

ଏହା ବିରୋଧରେ ସପ୍ନା ରିଭିଜନ ପିଟିସନ ଦାଖଲ କରିଥିଲେ। ପୃଥ୍ୱୀଙ୍କୁ ଏହା ଉପରେ ଜବାବ ରଖିବାକୁ କୁହାଯାଇଥିଲା। କିନ୍ତୁ ସେ କୌଣସି ଜବାବ ଦାଖଲ କରିନାହାନ୍ତି। ଏବେ କୋର୍ଟ ତାଙ୍କୁ ପୁଣିଥରେ ଜବାବ ରଖିବାକୁ ସୁଯୋଗ ଦେଇଛନ୍ତି ଓ ଏଥିସହ ଜବାବ ଦାଖଲ କରିବା ବେଳେ ପୃଥ୍ୱୀ ୧୦୦ ଟଙ୍କାର ଜରିମାନା ଭରିବେ ବୋଲି କହିଛନ୍ତି।

ସପନା ଗିଲଙ୍କ ଓକିଲ ଅଲୀ କାଶିଫ ଖାନ କହିଛନ୍ତି, ମାମଲାକୁ ପରିଚାଳନା କରିବାରେ ଏହା ପୃଥ୍ୱୀ ଶ'ଙ୍କ ନିୟମିତ ଅଭ୍ୟାସ। ଏକାଧିକ ଥର ସମନ ସତ୍ତ୍ୱେ ସେ କୌଣସି ଜବାବ ଦେଉ ନାହାନ୍ତି। ୨୦୨୩ରେ ମୁମ୍ବାଇରେ ହୋଇଥିବା ଝଗଡ଼ାକୁ ନେଇ ସପନା ଗିଲ କ୍ରିକେଟର ପୃଥ୍ୱୀଙ୍କ ବିରୋଧରେ ମାମଲା କରିଥିଲେ।

# ଏସିଆ କପ୍-୨୦୨୫ : ବିଜୟରୁ ଅଭିଯାନ ଆରମ୍ଭ କଲା ଭାରତ

**ଦୁବାଇ**

ଏସିଆ କପ୍-୨୦୨୫ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରମୁଖ ଟ୍ରଫି ଦାବିଦାର ଭାରତ ବୁଧବାର ୟୁଏଇକୁ ୯ ୱିକେଟ୍‌ରେ ପରାସ୍ତ କରିଛି। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୮ ରନ୍ ବିଜୟ ଲକ୍ଷ୍ୟକୁ ୪.୩ ଓଭରରେ ପୂରା କରିଛି।



ଭାରତର ପାଳି ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଓ ଶୁଭମନ ଗିଲ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୮ ରନ୍‌ର ଭାଗିଦାରୀ କରିଥିଲେ। ଅଭିଷେକ ୧୬ଟି ବଲ୍ ଖେଳି ୨ଟି ଚୌକା ଓ ୩ଟି ଛକା ବଳରେ ୩୦ ରନ୍ ସଂଗ୍ରହ କରିଥିଲେ। ଗିଲ୍ ୯ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ଅପରାଜିତ ୨୦ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୭ ରନ୍ କରିଥିଲେ। ସେ ୨ଟି ବଲ୍ ଖେଳିଥିଲେ, ଯେଉଁଥିରୁ ଗୋଟିଏ ଛକା ଥିଲା। ଭାରତ ମୋଟ୍ ୬୦ ରନ୍ ସଂଗ୍ରହ କରିଥିଲା।

ଭାରତ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ଭାରତ ପାଇଁ ସଠିକ୍ ସାବ୍ୟସ୍ତ ହୋଇଥିଲା। ୟୁଏଇ ଟିମ୍ ୧୩.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୫୭ ରନ୍ ସଂଗ୍ରହ କରିଥିଲା।

ଭାରତୀୟ ବୋଲରମାନେ ୟୁଏଇ ବିପକ୍ଷରେ ଶକ୍ତିଶାଳୀ ବୋଲିଂ କରିଥିଲେ। ଫଳରେ ୟୁଏଇର ବ୍ୟାଟରମାନେ ଭଲ ରନ୍ ସ୍କୋର କରିପାରି ନଥିଲେ। ୟୁଏଇ ପାଇଁ ବ୍ୟକ୍ତିଗତ ଭାବେ ଉଭୟ ପ୍ରାରମ୍ଭିକ ବ୍ୟାଟର ୪୧ ରନ୍ ସଂଗ୍ରହ କରିପାରିଥିଲେ। ଆଲିଶାନ ଶରାଫୁ ୧୭ଟି ବଲ୍ ଖେଳି ୩ଟି ଚୌକା ଓ ଗୋଟିଏ ଛକା ବଳରେ ୨୨ ରନ୍ କରିଥିଲେ। ସେହିପରି ଅଧିନାୟକ ମହମ୍ମଦ ୱାସିମ ୨୨ଟି ବଲ୍ ଖେଳି ୩ଟି ଚୌକା ବଳରେ ୧୯ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା।

ଭାରତ ପାଇଁ କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ୨.୧ ଓଭର ବୋଲିଂ କରିଥିଲେ। ୩.୨୦ ହାରରେ ମୋଟ୍ ୭ ରନ୍ ଖର୍ଚ୍ଚ କରିଥିଲେ। ଯୁବ ବୋଲର ଶିଭମ ଦୁବେ ୨ ଓଭର ବୋଲିଂ କରି ମାତ୍ର ୩ ରନ୍ ଖର୍ଚ୍ଚ କରିଥିଲେ। କିନ୍ତୁ ସେ ୟୁଏଇର ୩ ଜଣ ଖେଳାଳିଙ୍କୁ ଆଉଟ୍ କରିଥିଲେ। ଭାରତୀୟ ଦ୍ରୁତବୋଲର ଜସପ୍ରୀତ ବୁମ୍‌ରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ପରମାଣୁ ଆକ୍ରମଣର ଧମକ ଦେଇଥିବା ପାକିସ୍ତାନ ମନ୍ତ୍ରୀଙ୍କ ସହ ହାତ ମିଳାଇଲେ ସୂର୍ଯ୍ୟକୁମାର ଯାଦବ

**ଆବୁଧାବି**

ଏସିଆ କପ୍ ୨୦୨୫ ଆରମ୍ଭ ହେବା ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଏବେ ପଡ଼ିଆ ଅପେକ୍ଷା ସୋସିଆଲ ମିଡିଆରେ ଅଧିକ ଶିରୋନାମା ସୃଷ୍ଟି କରୁଛି। ଏହାର କାରଣ ହେଉଛି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ଗୃହମନ୍ତ୍ରୀ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସଭାପତି ମୋହସିନ ନକ୍‌ଭିଙ୍କ ସହ ହାତ ମିଳାଇବା। ନକ୍‌ଭି ସେହି ବ୍ୟକ୍ତି ଯିଏ କିଛି ଦିନ ପୂର୍ବରୁ ଭାରତ ଉପରେ ପରମାଣୁ ଆକ୍ରମଣ କରିବାକୁ ଧମକ ଦେଇଥିଲେ। ଏହି କାରଣରୁ ତାଙ୍କ ସହ ସୂର୍ଯ୍ୟକୁମାର ହାତ ମିଳାଇବାର ଭିଡିଓ ସାମ୍ନାକୁ ଆସିବା ମାତ୍ରେ ଲୋକମାନେ ରାଗି ଯାଇଛନ୍ତି।



ଏସିଆ କପର ସରକାରୀ ସାମ୍ବାଦିକ ସମ୍ମିଳନୀ ଆବୁଧାବିରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମସ୍ତ ଦଳର ଅଧିନାୟକ ଉପସ୍ଥିତ ଥିଲେ। ଏସୀୟାନ କ୍ରିକେଟ କାଉନସିଲ (ଏସିସି)ର ସଭାପତି ଭାବରେ ମୋହସିନ ନକଭି ମଧ୍ୟ ମଞ୍ଚକୁ ଆସିଥିଲେ। ଏହି ସମୟରେ ନକ୍‌ଭି ସୂର୍ଯ୍ୟକୁମାର ଯାଦବଙ୍କୁ ସ୍ୱାଗତ କରିଥିଲେ ଏବଂ ଉଭୟ ହାତ ମିଳାଇଥିଲେ। ଏହି ମୁହୂର୍ତ୍ତ କ୍ୟାମେରାରେ କଏଦ୍ ହୋଇଥିଲା ଏବଂ କିଛି ମିନିଟ ମଧ୍ୟରେ ଏହାର ଭିଡିଓ ଇଣ୍ଟରନେଟରେ ଭାଇରାଲ ହୋଇଥିଲା।ଭିଡିଓଟି ସାମ୍ନାକୁ ଆସିବା ମାତ୍ରେ ଭାରତୀୟ ପ୍ରଶଂସକମାନେ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ଆରମ୍ଭ କରିଥିଲେ। ଅନେକ ଲୋକ ଏହାକୁ 'କ୍ରିକେଟ କୂଟନୀତି' କହି ସମାଲୋଚନା କରିଥିଲେ, ଯେତେବେଳେ କେତେକ ଏହାକୁ ଶହୀଦ ସୈନିକଙ୍କ ବଳିଦାନର ଅପମାନ ବୋଲି କହିଥିଲେ।

## ସେଭେନ୍ସ କପ୍ ପ୍ରତିଯୋଗିତା

# କୃତି ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ମହିଳା ଦଳ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମବଙ୍ଗର କଲିକତା ଠାରେ ଆୟୋଜିତ ସେଭେନ୍ସ କପ୍ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା କୃତିତ୍ୱ ଅର୍ଜନ କରିଛନ୍ତି। କୋଲକତା କ୍ରିକେଟ ଓ ଫୁଟବଲ କ୍ଲବ ଏବଂ ବେଙ୍ଗଲ ରଗ୍‌ବୀ ସଂଘର ମିଳିତ ଉଦ୍ୟମରେ ଆୟୋଜିତ ଦୁଇଦିନ ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଚାମ୍ପିଅନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଯାହାକୁ ନେଇ ବାରିପଦା ଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଟିମ୍ ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉତରୋତ୍ତର ଉନ୍ନତି କାମନା କରିଛନ୍ତି। ବହୁ ପୁରାତନ ଜର୍ଜିଆଡି କ୍ଲବ୍ ସେଭେନ୍ସା କପ୍ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଏଥିରେ ଅଂଶଗ୍ରହଣ କରିଥିଲା। ପ୍ରଥମ ମ୍ୟାଚ୍‌ରୁ ଅପରାଜୟ ରହି ସେମିଫାଇନାଲରେ ଆୟୋଜକ କୋଲକତା କ୍ରିକେଟ ଓ ଫୁଟବଲ କ୍ଲବକୁ ୧୯-୦୦ରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ସିଲିଗୁଡ଼ିର ସରସ୍ୱତୀପୁରକୁ ୨୪-୧୨ ସ୍କୋରରେ ପରାଜିତ କରି ପ୍ରଥମଥର ପାଇଁ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଏହି ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ସେପ୍ଟେମ୍ବର ୨୮ରେ ବିସିସିଆଇ କର୍ମକର୍ତ୍ତା ନିର୍ବାଚନ

**ମୁମ୍ବାଇ**

ଚଳିତ ମାସ ୨୮ରେ ମୁମ୍ବଇରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧.୩୦ରେ ଆରମ୍ଭ ହେବାକୁ ଥିବା ଏଜିଏମ୍‌ରେ ଅନ୍ୟ ନିଷ୍ପତ୍ତି ନେବା ସହ ବିସିସିଆଇର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏହି ସନ୍ଦର୍ଭରେ ସମସ୍ତ ରାଜ୍ୟ କ୍ରିକେଟ୍ ଆସୋସିଏସନ୍‌କୁ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ପତ୍ର ଲେଖି ଜଣାଇଛନ୍ତି ଯେ ଉକ୍ତ ଏଜିଏମ୍‌ରେ ବିସିସିଆଇର ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେବ। ଏହାସହ ବିସିସିଆଇର ଆପେକ୍ସ କାଉନ୍‌ସିଲ ଗଠନ ଏବଂ ଆଇପିଏଲ୍ ଓ ଡବ୍ଲ୍ୟୁପିଏଲ୍‌ର ପରିଚାଳନା ପରିଷଦ ଗଠନ ମଧ୍ୟ ଏଜିଏମ୍‌ର କାର୍ଯ୍ୟସୂଚୀ (ଏଜେଣ୍ଡା)ରେ ରହିଛି। ସାଧାରଣ ପରିଷଦର ଜଣେ ଏବଂ ଭାରତୀୟ କ୍ରିକେଟର୍ସ ସଂଘ (ଆଇସିଏ)ର ୨ ଜଣ ପ୍ରତିନିଧିଙ୍କୁ ଆପେକ୍ସ କାଉନ୍‌ସିଲରେ ସାମିଲ କରିବ ବିସିସିଆଇ। ତେବେ ସମସ୍ତଙ୍କ କ୍ରିକେଟ୍‌ପ୍ରେମୀଙ୍କ ନଜର ରହିବ ବିସିସିଆଇର କର୍ମକର୍ତ୍ତା ନିର୍ବାଚନ ଉପରେ; ଯେଉଁମାନେ ଆସନ୍ତା ୩ ବର୍ଷ ଲାଗି ଭାରତୀୟ କ୍ରିକେଟ୍‌କୁ ପରିଚାଳନା କରିବେ।



ଏହି ନିର୍ବାଚନ ଜଷ୍ଟିସ୍ ଲୋଧା କମିଟି ସୁପାରିସରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବିସିସିଆଇ ସମ୍ବିଧାନ ଅନୁସାରେ ହେବ। ତେବେ ୬ ମାସ ମଧ୍ୟରେ ଲାଗୁ ହେଉଥିବା ନୂତନ କ୍ରୀଡ଼ା ବିଲ୍ ?କୁ ବିସିସିଆଇ ଗ୍ରହଣ କଲେ; କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ବଢ଼ିବ ନା ସାନି ନିର୍ବାଚନ ହେବ; ତାହା ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁସାରେ, ୩ ବର୍ଷ କର୍ମକର୍ତ୍ତା (ଯୁଗ୍ମ ସମ୍ପାଦକ ଏବଂ ପରେ ସମ୍ପାଦକ) ରହିଥିବା ଆସାମର ଦେବଜିତ ସାଇକିଆ ସମ୍ପାଦକ ପଦ ବଜାୟ ରଖିପାରନ୍ତି। ଗୋଆର ରୋହଣ ଦେଶାଇ ଯୁଗ୍ମ ସମ୍ପାଦକ ଓ ଛତିଶଗଡ଼ର ପ୍ରଭତେଜ ସିଂହ ଭାଟିଆ କୋଷାଧ୍ୟକ୍ଷ ଭାବେ ଆଉ ଏକ କାର୍ଯ୍ୟକାଳ ରହିପାରନ୍ତି। ତେବେ ସଭାପତି ଓ ଉପସଭାପତି ପଦ ନେଇ ସ୍ପଷ୍ଟ ହୋଇନାହିଁ। ଆଇପିଏଲ୍ ଅଧ୍ୟକ୍ଷ ଥିବା ଅରୁଣ ସିଂହ ଧୁମଲ ଓ ଅନିରୁଦ୍ଧ ଚୌଧୁରୀଙ୍କ ମଧ୍ୟରୁ ଜଣେ ଉପସଭାପତି ହୋଇପାରନ୍ତି। ତେବେ ଅରୁଣ ଧୁମଲ ୩ ବର୍ଷ କୋଷାଧ୍ୟକ୍ଷ ଏବଂ ପରେ ଆଉ ୩ ବର୍ଷ ଆଇପିଏଲ୍ ଅଧ୍ୟକ୍ଷ ଥିବାରୁ ସେ କର୍ମକର୍ତ୍ତା ରହିପାରିବେ କି ନାହିଁ; ତାହା ସ୍ପଷ୍ଟ ହୋଇନାହିଁ। କାରଣ ଆଇପିଏଲ୍ ଅଧ୍ୟକ୍ଷଙ୍କୁ ବିସିସିଆଇ କର୍ମକର୍ତ୍ତା ଭାବେ ଗଣନା କରାଯିବ କି ନାହିଁ; ତାହା ସ୍ପଷ୍ଟ ହୋଇନାହିଁ। ରଜର ବିନ୍ନିଙ୍କ ଇସ୍ତଫା ପରେ ଉପସଭାପତି ଥିବା ରାଜୀବ ଶୁକ୍ଲା ଏବେ ଅସ୍ଥାୟୀ ଭାବେ ସଭାପତି ଦାୟିତ୍ୱରେ ଅଛନ୍ତି। ସଭାପତି ଦୌଡ଼ରେ କଂଗ୍ରେସ ନେତା ଶୁକ୍ଲା ସର୍ବାଗ୍ରେ ଅଛନ୍ତି। ବଙ୍ଗଳାର ଅଭିଷେକ ଡାଲମିୟା ମଧ୍ୟ କର୍ମକର୍ତ୍ତା ହୋଇପାରନ୍ତି।

# ରାଜ୍ୟସ୍ତରୀୟ ସ୍କୁଲ ଗେମ୍ ଟାଇକଣ୍ଡୋ ପ୍ରତିଯୋଗିତା ପାଇଁ ବଲାଙ୍ଗିର ଦଳର କେନ୍ଦୁଝର ଗସ୍ତ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

୧୨ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ର ବର୍ବିଲ ଠାରେ ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ବଲାଙ୍ଗିର ଜିଲ୍ଲାରୁ ୧୬ଜଣିଆ ଟିମ୍ କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି । ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ରୀତୁ ବାଗ, ରୀତୁ ବିଶି, ଶ୍ରାବଣୀ ଜାଲ, ପୁଷ୍ପାଞ୍ଜଳି ଚନ୍ଦନ ଓ ବାଳକ ବିଭାଗରେ ଜୟମ୍ ସାହୁ, ଜ୍ୟୋତିର୍ମୟ ଜେନା, ସୀତୁ ପୋଡ, ଓମ୍ ପ୍ରାଶ ପୃଷ୍ଟି, ହୃଷିକେଶ ପୁଟେଲ, ପ୍ରମିତ ବିଶ୍ୱାଳ, ଭୋଜରାଜ ବେହେରା ଓ ବିଭୁବ୍ରତ ସାହୁ ଭାଗ ନେଉଥିବା ବେଳେ ୧୪ ବର୍ଷରୁ କମ୍ ବାଳିକା ବିବାଗରେ ମିରା ସେଠ ଓ ବାଳକ ବିଭାଗରେ ଯୁବରାଜ ତୁମନିୟା, ସାଇଶକ୍ତି ଶିବାନନ୍ଦ ବେହେରା, ଲିଙ୍ଗରାଜ ପଧାନ ଓ ଗୋପବନ୍ଧୁ ନନ୍ଦ ଭଭାଗ ନେଇଥିବା ବେଳେ ଟିମ୍ ମ୍ୟାନେଜର ଭାବେ ୟୁଜିଏଚଏସ୍ ଚିକଲବାହାଲ ପିଇଟି ରାଜକୁମାର ପାଣିଗ୍ରାହୀ ଓ ଏନବୀ ଉଚ୍ଚ ବିଦ୍ୟାଳୟ ଜରାସିଂହା ପିଇଟି ପୁଷ୍ପାଞ୍ଜଳି କିଶାନ ମନୋନିତ ହୋଇଛନ୍ତି। ଏହି ଅବସରରେ ବଲାଙ୍ଗିର ଶିକ୍ଷା ବିଭାଗ ତରଫରୁ ଟାଇକଣ୍ଡୋ କୋଚ ତଥା ଜାତୀୟ ସ୍ତରୀୟ ରେଫରି ଅସିମ କୁମାର ଭୋଇଙ୍କୁ ଏହି ରାଜ୍ୟସ୍ତରୀୟ ସ୍କୁଲ ଟାଇକଣ୍ଡୋ ପରିଚାଳନା କରିବା ପାଇଁ ଟେକ୍ନିକାଲ ଅଫିସିଆଲ ଭାବେ ନିୟୋଜିତ କରାଯାଇଛି। ଏହି ଅବସରରେ ଡିପିଇଓ ପ୍ରଦୀପ ପାତ୍ର, ଟାଉନ ବାଳି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଓ ଚିକଲବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜ କିଶୋର ପଧାନ ସମସ୍ତ ଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ଟ୍ୟୁନିସିଆ

**ଟୁନିସ୍ (ଟ୍ୟୁନିସିଆ)**



ଟ୍ୟୁନିସିଆ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛି। ଏକ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍‌ରେ ଦଳ ଇକ୍ୱେଟୋରିଆଲ ଗିନିକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୪ର୍ଥ ମିନିଟ୍‌ରେ ଟ୍ୟୁନିସିଆ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ମହମ୍ମଦ ଅଲି ବେନ୍ ରମଧାନେ।

ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ୮ଟି ଗେମ୍‌ରୁ ୨୨ ପଏଣ୍ଟ ଅର୍ଜନକରି ଗ୍ରୁପ୍ 'ଏଚ୍' ଟେବୁଲ ଶୀର୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ନାମ୍ବିଆଠାରୁ ୧୦ ପଏଣ୍ଟ ଆଗୁଆ ରହିଛି।

ଟ୍ୟୁନିସିଆ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ୭ମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ୨୦୧୮ ଓ ୨୦୨୨ରେ ଦଳ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଆଫ୍ରିକା ମହାଦେଶରୁ ପୂର୍ବରୁ ଅନ୍ୟତମ ଦଳ ମରକ୍କୋ ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଛି। ଏସିଆରୁ ଜାପାନ, ଇରାନ, ଜୋର୍ଡାନ, ଦକ୍ଷିଣ କୋରିଆ, ଉଜ୍‌ବେକିସ୍ତାନ ଓ ଅଷ୍ଟ୍ରେଲିଆ ଯୋଗ୍ୟତା ହାସଲ କରିସାରିଛନ୍ତି। ସେହିପରି ଓସେନିଆରୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଦକ୍ଷିଣ ଆମେରିକାରୁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଇକ୍ୱେଡର ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବିଶ୍ୱକପ୍‌ର ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋ ଯୋଗ୍ୟତା ହାସଲ କରିଛନ୍ତି।

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୧୧। ଏହି ଦିନ ଦୁଇଟି ବିପରୀତ ସ୍ମୃତିକୁ ମନେ ପକାଏ। ପ୍ରଥମଟି ହେଉଛି, ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। "ଆମେରିକାର ଭଉଣୀ ଓ ଭାଇମାନେ..." - ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱ ସ୍ତରରେ ପରିଚିତ କରାଇଥିଲେ। ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁଁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା ।

ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହିତ ମଧ୍ୟ ଜଡ଼ିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜବୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମ ପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର। ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହିତ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ୟ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରସମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରସମଣିକୁ ପ୍ରସ୍ତୁତ କରିଥିଲେ।

ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆରଏସଏସର ଜଣେ ପ୍ରଚାରକ ହୋଇଥିଲେ। 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ, କେହି ଭୁଲରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି। କିନ୍ତୁ, ଯେଉଁମାନେ ଆରଏସଏସର କାର୍ଯ୍ୟ ସହିତ ଉତ୍ତମ ରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଂଗଠନର କାର୍ଯ୍ୟର ମୂଳଦୁଆରେ ରହିଛି। ଗତ ଶହେ ବର୍ଷ ଧରି, ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡ଼ିଛନ୍ତି।

ଆରଏସଏସରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା। ଏହି ସେହି ସମୟ ଥିଲା ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରୀକାଳୀନ ବିରୋଧୀ ଆନ୍ଦୋଳନକୁ ମଜବୁତ କରିବା ସ୍ୱାଭାବିକ ଥିଲା। ମୋହନ ଜୀ ଏବଂ ଅଗଣିତ ଆରଏସଏସ ସ୍ୱୟଂସେବକମାନେ ଏହା ହିଁ କରିଥିଲେ। ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ, ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା।

ବର୍ଷ ବର୍ଷ ଧରି ଭାଗବତ ଜୀ ଆରଏସଏସରେ ବିଭିନ୍ନ ପଦବୀରେ ରହିଥିଲେ। ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହିତ ସମ୍ପାଦନ କରିଥିଲେ। ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟାୟାମ ପ୍ରମୁଖର ମୁଖ୍ୟ ଭାବରେ, ମୋହନ ଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି। ଏହି ସମୟ ମଧ୍ୟରେ, ସେ ବିହାରର ଅସଂଖ୍ୟ ଗ୍ରାମମାନଙ୍କରେ କାର୍ଯ୍ୟ କରି ସମୟ ବିତାଇଥିଲେ। ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା। ୨୦୦୦ ମସିହାରେ, ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ। ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ। ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହିତ କାମ କରିଚାଲିଥିଲେ।

ସରସଂଘଚାଳକ ହେବା ଏକ ସାଂଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ। ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ପଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି। ମୋହନ ଜୀ, ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ, ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବୋପରି ନୀତି ଦ୍ୱାରା ଅନୁପ୍ରାଣିତ।

ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି - ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଂଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଯୁବପିଢ଼ି ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପିଢ଼ିକୁ ସଂଘ ପରିବାର ସହିତ ଯୋଡ଼ିବା ପ୍ରତି ତାଙ୍କର ପ୍ରଚେଷ୍ଟା, ଆଜିର ଗତିଶୀଳ ଏବଂ ଡିଜିଟାଲ୍ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଭଳି ନିୟମିତ ଭାବେ ଯୋଡ଼ି ହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ।

ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆରଏସଏସର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ। ୟୁନିଫର୍ମ ପରିବର୍ତ୍ତନ ଠାରୁ ଆରମ୍ଭ କରି ଶିକ୍ଷା ବର୍ଗ (ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ, ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି।

ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା। ସେହି ସମୟରେ, ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା। ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ। ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ, ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଜଡ଼ିତ ରହିଥିଲେ।

ସେହି ସମୟରେ, ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ଼ ନିଷ୍ପତ୍ତି କେବେ ବି ବିଚଳିତ ହୋଇନଥିଲା।

ଚଳିତ ବର୍ଷ ଆରମ୍ଭରେ, ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦଘାଟନ ସମୟରେ, ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ। ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ଼; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ। ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢ଼ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି ତାହା ବାସ୍ତବରେ ପ୍ରେରଣାଦାୟକ।

ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ।

ଏଠାରେ, ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି। 'ସ୍ୱଚ୍ଛ ଭାରତ ମିଶନ' ଠାରୁ 'ବେଟି ବଚାଓ ବେଟି ପଢ଼ାଓ' ପର୍ଯ୍ୟନ୍ତ, ମୋହନ ଜୀ ସର୍ବଦା ସମଗ୍ର ଆରଏସଏସ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି। ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇ ନେବା ନିମନ୍ତେ, ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇ ପାରିବ। ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି। ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ, ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ। ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି।

ଭାଗବତ ଜୀ ସଦାସର୍ବଦା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ଼ ଅନୁଗାମୀ, ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରାର ପାଳନରେ ଦୃଢ଼ ବିଶ୍ୱାସୀ।

ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ, ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି। ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ, ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ।

ଚଳିତ ବର୍ଷ, ଆଉ ମାତ୍ର ଅଳ୍ପ ଦିନ ପରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ, ବିଜୟା ଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆରଏସଏସ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି। ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି। ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ, ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ। ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି।

ଭୁବନେଶ୍ୱର
୧୧ ସେପ୍ଟେମ୍ବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆଜି ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି

## ସନ୍ଧ୍ୟା ୫ଟାରୁ ରାତି ୧୦ଟା ଯାଏ ବନ୍ଦ ରହିବ ଦର୍ଶନ



**ପୁରୀ, ୧୦/୦୯ ନ୍ୟୁଜ ବ୍ୟୁରୋ**

ଗୁରୁବାର ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ଘ.୫.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧାନରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖକୁ ଶୃଙ୍ଗାର କରିବେ। ହିଙ୍ଗୁଳ, ହରିତାଳ, କସ୍ତୁରୀ, ନାଲି, ଧଳା ଓ କଳା ଭଳି ପାରମ୍ପରିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏହା ଏକ ଗୁପ୍ତ ସେବା ନୀତି ହୋଇଥିବାରୁ ଯେତିକି ସମୟ ଏହି ନୀତି ଚାଲେ ସେହି ସମୟରେ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରୁହେ।

# ବଣ୍ଡାଘାଟିର ବିକାଶ ପାଇଁ ରାଜ୍ୟପାଳଙ୍କ ଗୁରୁତ୍ୱ



**ଭୁବନେଶ୍ୱର,୧୦/୯ ନ୍ୟୁଜ ବ୍ୟୁରୋ**

କୋରାପୁଟରୁ ସ୍ୱତନ୍ତ୍ର କାର ଯୋଗେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ପ୍ରଥମ ଥର ପାଇଁ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ପଞ୍ଚାୟତର ବଣ୍ଡାଘାଟି ଗସ୍ତ କରିଛନ୍ତି। ରାଜ୍ୟପାଳ ଡ. କମ୍ଭମପାଟି ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି ଠାରେ ପହଁଚିବା ପରେ ତାଙ୍କୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ, ଡିଏଫଓ ସାଇ କିରନ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବନ ବିଭାଗ ଡାକ ବଙ୍ଗଳାକୁ ପାଛୋଟି ନେଇଥିଲେ । ଏହା ପରେ ରାଜ୍ୟପାଳ ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ବଣ୍ଡାଘାଟି ଗସ୍ତ କରିଥିଲେ। ଘାଟିରେ ପହଞ୍ଚିବା ପରେ ବଣ୍ଡା ପୁରୁଷ ଓ ମହିଳାମାନେ ରାଜ୍ୟପାଳଙ୍କୁ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସ୍ୱାଗତ ଜଣାଇ ଫୁଲ ମାଳ ଦେଇ ପବିତ୍ର ସୀତାକୁଣ୍ଡ ଓ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ରାଜ୍ୟପାଳ ପବିତ୍ର ସୀତାକୁଣ୍ଡ ପରିଦର୍ଶନ କରି ଏହାର ବିକାଶ କିପରି କରାଯିବ ସେଥି ପ୍ରତି ଗୁରୁତ୍ୱ ଦେଇଥିଲେ।

# ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ ଉଦ୍ୟମ ବେଳେ ଧରିଲା ପୁଲିସ : ଯୁବକ ଅଟକ

**ପୁରୀ, ୧୦/୦୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପଶିବାକୁ ଉଦ୍ୟମ। ସିଂହଦ୍ୱାର ବନ୍ଦ ଥିବା ବେଳେ ଯୁବକ ଜଣକ ଏଭଳି ଉଦ୍ୟମ କରିଥିଲେ। ଯୁବକ ଜଣଙ୍କ ଢେଙ୍କାନାଳର ଲାଲୁ ପ୍ରସାଦ ସାହୁ ବୋଲି ଜଣାପଡିଛି । ତାଙ୍କୁ ଅଟକ ରଖିଛି ପୁରୀ ପୁଲିସ ଓ ଜେଟିପି। ସୂଚନା ମୁତାବକ, ପ୍ରତିଦିନ ପରି ବୁଧବାର ଭୋର ସମୟରେ ସିଂହଦ୍ୱାର ଖୋଲାଯିବାର ଥିଲା । ହେଲେ ଏହାପୂର୍ବରୁ ଦେଖିବାକୁ ମିଳିଲା ଏକ ଅଭାବନୀୟ ଘଟଣା। ଜଣେ ଯୁବକ ଚପଲ ପିନ୍ଧି ସିଂହଦ୍ୱାରକୁ ପ୍ରବେଶ ପାଇଁ ଉଦ୍ୟମ କରୁଥିଲେ। ଯାହାକୁ ଦେଖି ସୁରକ୍ଷାରେ ନିୟୋଜିତ ଥିବା ପୁଲିସ ଏବଂ ଜେଟିପି ବାରଣ କରିଥିଲେ । ହେଲେ ଯୁବକ ଜଣଙ୍କ ଉଭୟ ପୁଲିସ,ଜେଟିପି ସହ ଯୁକ୍ତିତର୍କ କରିଥିଲେ । ଏହାପରେ ପୁଲିସ ଯୁବକଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ପଚରାଉଚରା କରିଛି । ଯୁବକ ଜଣଙ୍କ ଢେଙ୍କାନାଳର ଲାଲୁ ପ୍ରସାଦ ସାହୁ ବୋଲି ଜଣାପଡିଛି। ତେବେ କ'ଣ ପାଇଁ ସେ ଏଭଳି ଉଦ୍ୟମ କରୁଥିଲେ ସେନେଇ ମଧ ତଦନ୍ତ କରୁଛି ପୋଲିସ।

# ସର୍ବୋଚ୍ଚ ନ୍ୟାୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ମାମଲାର ଶୁଣାଣି ସେପ୍ଟେମ୍ବର ୧୬କୁ ସ୍ଥଗିତ

**ଭୁବନେଶ୍ୱର,୧୦/୯ ନ୍ୟୁଜ ବ୍ୟୁରୋ**

ସର୍ବୋଚ୍ଚ ନ୍ୟାୟାଳୟରେ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ମାମଲାଟି ଦୁଇ ଜଣିଆ ଖଣ୍ଡପୀଠ ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ କେ.ଭି. ବିଶ୍ୱନାଥନଙ୍କ ପାଖରେ ଶୁଣାଣି ହେବାକୁ ଥିଲା।କିନ୍ତୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛି ଯେ, ମାମଲାଟିକୁ ପୁଣିଥରେ ୧୬ ସେପଟ୍ଟେମ୍ବର ୨୦୨୫, ମାଧାହ୍ନ ୧୨ଟାରେ ଶୁଣାଣି ହେବ ଏବଂ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ଆଦେଶ ଅଗାମୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ।



ଏହି ନିର୍ଦ୍ଦେଶଟି ସ୍ୱତନ୍ତ୍ର ଶିକ୍ଷକଙ୍କର ମର୍ଯ୍ୟାଦା ଓ ଅଧିକାର ପାଇଁ ଗୁରୁତ୍ୱପୂର୍ଣ୍ଣ ହେବା ସହିତ ବିଶେଷ ଆବଶ୍ୟକତା ରଖିଥିବା ଶିଶୁମାନଙ୍କ ଶିକ୍ଷାଧିକାରକୁ ମଧ ମଜବୁତ କରେ। ଜାତୀୟ ଶିକ୍ଷାନୀତି ୨୦୨୦ ଓ ଅନ୍ତର୍ନିବେଶୀ ଶିକ୍ଷାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷକଙ୍କର ନିଯୁକ୍ତି ଅତ୍ୟାବଶ୍ୟକ।

ପ୍ରକାଶଥାଉ କି ବର୍ତ୍ତମାନ, ଓଡ଼ିଶାରେ ପ୍ରାୟ ୯,୦୦୦ ପ୍ରଶିକ୍ଷିତ ସ୍ୱତନ୍ତ୍ର ଶିକ୍ଷକ ପ୍ରାର୍ଥୀ ନିଯୁକ୍ତି ପାଇଁ ଅପେକ୍ଷାରେ ଅଛନ୍ତି ଏବଂ ୧.୪ ଲକ୍ଷ ବିଶେଷ ଆବଶ୍ୟକ ରଖିଥିବା ବିଦ୍ୟାର୍ଥୀ ପ୍ରଶିକ୍ଷଣ ପ୍ରାପ୍ତ ଶିକ୍ଷକଙ୍କ ଅଭାବରୁ ସଠିକ୍ ଶିକ୍ଷା ପାଇ ପାରୁନାହାଁନ୍ତି। ଏହା ଦିବ୍ୟାଙ୍ଗ ଶିଶୁମାନଙ୍କ ଶିକ୍ଷା ଅଧିକାରକୁ ଉଲ୍ଲଂଘନ କରୁଛି। ଓଡ଼ିଶା ସ୍ପେସିଆଲ ଏଡୁକେଟର ଫେଡ଼େରେସନ ଫର ଦିବ୍ୟାଙ୍ଗ ସଂଘର ଉପସଭାପତି ବିଶ୍ୱବିଜୟୀ ଦାଶ କହିଛନ୍ତି ଯେ, ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ଦେଇଥିବା "ସୁପ୍ରିମକୋର୍ଟ୍‌ଙ୍କ ନିର୍ଦ୍ଦେଶକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା ଆବଶ୍ୟକ ରହିଛି, ଯାହାଦ୍ୱାରା ପ୍ରଶିକ୍ଷିତ ସ୍ୱତନ୍ତ୍ର ଶିକ୍ଷକଙ୍କର ନିଯୁକ୍ତି ସୁନିଶ୍ଚିତ ହେବା ସହିତ ଦିବ୍ୟାଙ୍ଗ ଶିଶୁମାନଙ୍କର ଶିକ୍ଷାଧିକାରକୁ ସୁରକ୍ଷା ମିଳିବ ।"

# ୨୦ ତାରିଖ ସୁଦ୍ଧା ସମସ୍ତ ରୋଡ଼ କାମ ସରିବ : ମେୟର




**ଭୁବନେଶ୍ୱର,୧୦/୯ ନ୍ୟୁଜ ବ୍ୟୁରୋ**

ଆଗକୁ ପାର୍ବଣ ଋତୁ ରହିଛି। ୨୦ ତାରିଖ ସୁଦ୍ଧା ସମସ୍ତ ରୋଡ଼ କାମ ସରିବ। ତେଣୁ ରୋଡ଼ ଗୁଡିକ କେମିତି ସଜଡ଼ା ଯିବ, ଲାଇଟ ଅସୁବିଧା ଦୂର ହେବ ସେ ନେଇ ଆଲୋଚନା ହୋଇଛି। ଅତ୍ୟଧିକ ବର୍ଷା ହେତୁ ଏଥର ରୋଡ଼ ବହୁତ ଖରାପ ହୋଇଛି। ଏହା ସହ ଭୁବନେଶ୍ୱର ମହାନଗର ନିଗମ କିଭଳି ଭଲ ରେଭିନିଉ ଜେନେରେସନ କରିପାରିବ ସେ ନେଇ ଆଲୋଚନା ହୋଇଥିବା ମେୟର ସୁଲୋଚନା ଦାସ କହିଛନ୍ତି। ସେ କହିଛନ୍ତି ଯେତେ ସବୁ ସଫେଇ ଗାଡି ରହିଛି, ସେ ସବୁ ଏନଜିଓ ଦ୍ୱାରା ମେଣ୍ଟେନ ହେଉଥିଲା। ଅନେକ ସମୟରେ ଗାଡି ଖରାପ ହେବା, ବ୍ରେକ ଡାଉନ ହେବା ଦେଖାଯାଉଥିଲା। ଏବେ ବି କିନ୍ତୁ ତାହା ହେବ ନାହିଁ। ଏହି କାମ ଗୋଟେ ଏଜେନ୍ସିକୁ ଦିଆଯିବ। ଯାହା ଦ୍ୱାରା ଗାଡି, ତେଲ, ଡ୍ରାଇଭର, ସବୁ ସେ ଏଜେନ୍ସି ବୁଝିବ। ବିଏମସି ପୂର୍ବରୁ ଏ ସବୁ ବୁଝିବା ଦ୍ୱାରା ଅନେକ ଟଙ୍କା ଯାଉଥିଲା। ଏବେ ବାଟମାରଣା ହେବ ନାହିଁ। ଠିକ ଭାବେ ଗାଡି କାମ ହେବ। ଯଦି ଏନଜିଓ ରାଜି ନହେବ ତେବେ ବାହାରେ ଟେଣ୍ଡର ପଡିବ। ବସ୍ତି ଏରିଆରେ ୟୁଜର୍ସ ଫି ଲାଗୁ ହେବ। ଯାହା ଦ୍ୱାରା ସଫେଇ ମେଣ୍ଟେନ ହେବ।

ଇଡ୍‌କୋ ଟ୍ୟାକ୍ସ କଲେକ୍ସନ ବାବଦରେ ମେୟର ପ୍ରତିକ୍ରିୟା ଦେଇ କହିଛନ୍ତି ଇଡ୍‌କୋ ଏରିଆରେ ଏବେ ବହୁତ ୱାର୍ଡ ରହିଛି। ଅନେକ ସମୟରେ ସେମାନେ ପଇସା ନେଇ ଦିଅନ୍ତି ନାହିଁ। ଯାହା ଫଳରେ ବିଏମସି ହଇରାଣ ହୁଏ। ମନ୍ତ୍ରୀଙ୍କ ସହ ଆଲୋଚନା ପରେ ସେ ଏବେ ନିଷ୍ପତି ହୋଇଛି ସେମାନେ ତାଙ୍କ ଫି ଦେବେ। ତାଙ୍କ ଅଧୀନରେ ଯେଉଁ ରୋଡ଼ ରହିଛି ସେ ସବୁ ମରାମତି କାମ ବିଏମସି କରିବ। ଷ୍ଟ୍ରୀଟ ଲାଇଟ୍ ସମସ୍ୟା ବାବଦରେ ମେୟର କହିଛନ୍ତି ଦୁଇଟି ଏଜେନ୍ସି ଇ ସ୍ମାର୍ଟ ଓ ଅନ୍ୟାନ୍ୟ କାମ କରୁଥିଲା। ସଠିକ ଭାବେ କାମ ନକଲେ ବିଏମସି ଅଲଗା କଥା ଚିନ୍ତା କରିବ। ୱାର୍ଡ ବଜେଟରେ ୪୦୦୦ ଲାଇଟ ଲାଗିଥିଲା। ସେ ଲାଇଟ ମରାମତି ପାଇଁ ଏଜେନ୍ସି ଠିକ କରାଯାଉଛି। ନଚେତ ଏଇ ଦୁଇ ଏଜେନ୍ସି ଭିତରୁ ଯିଏ ଭଲ କାମ କରିବେ ତାଙ୍କୁ ଦିଆଯିବ।

କର୍ପୋରେଟର ବନ୍ଦିତା ପାଲ ବୁଧବାର ବୈଠକ ବର୍ଜନ କରିବା ପ୍ରସଙ୍ଗରେ ମେୟର କହିଛନ୍ତି ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ପ୍ରତି କର୍ପୋରେଟର ଚାହାନ୍ତି ତାଙ୍କ ୱାର୍ଡରେ କାମ ଭଲ ହେବା ପାଇଁ। ଆମେ ମଧ ଏହା ଚାହୁଛୁ। ମୁଁ ମଧ ତାଙ୍କୁ ଅନୁରୋଧ କରିଛି ଆସନ୍ତୁ ମିଶିକି କାମ କରିବା। ଦଳ ମତ ଉପରେ ରହି ଆମେ କାମ କରିବା। ଏଥିରେ ରାଜନୀତି କରିବା ଗ୍ରହଣୀୟ ନୁହେଁ ଆଉ ମୁଁ ବିଶ୍ୱାସ ମଧ କରେ ନାହିଁ। ତାଙ୍କ ୱାର୍ଡରେ ଭଲ କାମ ହୋଇଛି। ୨୦୨୨ ପରେ ସେଠାରେ ୩.୫ କୋଟି ଟଙ୍କାରେ ପୋଖରୀ ହୋଇଛି। ଏବେ ୭୦ ଲକ୍ଷ ଟଙ୍କାର କାମ ହେଉଛି। ଅନେକ ରୋଡ଼ କାମ ମଧ ହୋଇଛି। ଦି ୱାର୍ଲ୍ଡ ନିକଟ ରୋଡ଼ କାମ କରାଯାଉଛି। କାମ ଧୀରେ ଧୀରେ ହେଉଛି। ସବୁ କାମ ହେବ। ମଝିରେ ବିଏମସି ପାଖେ ପଇସା ନଥିଲା, ଏବେ ଉନ୍ନତି ପାଇଁ ସବୁ କାମ ହେଉଛି। ଯେଉଁଠି କଚା ପକା ରୋଡ଼ ରହିଛି ଯେମିତିକି ୨,୨୨,୫୪ ନମ୍ବର ସେ ସବୁର କାମ ହୋଇଛି।

# ଅଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଧରିବ ଏଆଇ

## ବ୍ୟବସ୍ଥା ସରଳୀକରଣ ଲାଗି ସରକାରଙ୍କ ପ୍ରୟାସ

**ଭୁବନେଶ୍ୱର ୧୦/୦୯ ନ୍ୟୁଜ ବ୍ୟୁରୋ**

ଅଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଧରିବ ଏଆଇ । ବ୍ୟବସ୍ଥାକୁ ସରଳୀକରଣ କରି ଏଆଇ ଉପଯୋଗ କରି ବ୍ୟବସ୍ଥିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ପୁଞ୍ଜିପତି ଘର ନେଇଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଆବାସ କିମ୍ବା ଅନ୍ତ୍ୟୋଦୟ ଯୋଜନାରେ ଘର ନେଇଥିଲେ ମଧ ଆକ୍ସନ ହେବ । ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି, ଘର ପାଇ ତିଆରି ନକରିବା ନଜିର ବହୁତ କମ ରହିଛି। ଏଥିପାଇଁ ବିଭାଗ ପୁରା ଦୃଷ୍ଟି ରଖିଛି। କାଁ ଭାଁ କେଉଁଠି ଥାଇପାରେ, କିନ୍ତୁ ଘର ସମୟରେ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଥାଉକି, ବ୍ୟବସ୍ଥାକୁ ସରଳୀକରଣ କରି ଏଆଇ ଉପଯୋଗ କରି ବ୍ୟବସ୍ଥିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁଞ୍ଜିପତି ଘର ନେଇଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଆବାସ କିମ୍ବା ଅନ୍ତ୍ୟୋଦୟ ଯୋଜନାରେ ଘର ନେଇଥିଲେ ହେବ ଆକ୍ସନ । ସରକାର ଏଥିପାଇଁ ପୁରା ଦୃଷ୍ଟି ରଖିଛନ୍ତି ।

# ୧୭ରେ ସମସ୍ତ ଜିଲ୍ଲାରେ ରୋପଣ ହେବ ୨୩ ଲକ୍ଷ ଚାରା : କୃଷି ସଚିବ

**ଭୁବନେଶ୍ୱର, ୧୦/୯ ନ୍ୟୁଜ ବ୍ୟୁରୋ**

ମା'ପାଇଁ ବୃକ୍ଷଟିଏ (ଏକ ପେଡ୍ ମା'କେ ନାମ) ପ୍ରୟାସର ଅଂଶସ୍ୱରୂପ ଓଡ଼ିଶା ସରକାରଙ୍କ ପକ୍ଷରୁ ଆସନ୍ତା ୧୭ ତାରିଖରେ ୭୫ ଲକ୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ମହତ ପ୍ରୟାସରେ ସହଭାଗୀ ହୋଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସମସ୍ତ କାର୍ଯ୍ୟାଳୟ ତଥା ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସମେତ ସାରା ରାଜ୍ୟରେ ୨୩ ଲକ୍ଷରୁ ଅଧିକ ଚାରା କାର୍ଯ୍ୟାଳୟ ପରିସର ଓ ଅନ୍ୟାନ୍ୟ ଉପଲବ୍ଧ ସ୍ଥାନରେ ରୋପଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଜିଲ୍ଲାର କୃଷି ବିଭାଗ ଅଧିକାରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଅତି କମ୍‌ରେ ଗୋଟିଏ ଚାରାରୋପଣ କରିବାକୁ କୃଷି ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପରାମର୍ଶ ଦେଇଛନ୍ତି । ସମସ୍ତ ୨୩ ଲକ୍ଷ ଚାରା ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ଯୋଗାଇ ଦିଆଯିବ। ଏଥିସହିତ ଚାରାରୋପଣର ଫଟୋ ଉଠାଇ ଏହାକୁ 'ମେରି ଲାଇଫ୍' ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



# ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ସଂଖ୍ୟା ବୃଦ୍ଧି

**କେନ୍ଦ୍ରାପଡ଼ା, ୧୦/୯ ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଶେଷ ହୋଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଏହି ଦେଶୀୟ ପକ୍ଷୀ ଗଣନା କରାଯାଇଥିଲା। ଅଗଷ୍ଟ ୩୦ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଏହି ପକ୍ଷୀ ଗଣନା ଚାଲିଥିଲା ବେଳେ ଏହାର ରିପୋର୍ଟ ପ୍ରକାଶ ପାଇଛି। ଏହି ପକ୍ଷୀ ଗଣନା ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟସ୍ଥ କନିକା ରେଞ୍ଜର ମଠଆଡିଆ, ଲକ୍ଷ୍ମୀପ୍ରସାଦ ଡିଆ, ଦୁର୍ଗା ପ୍ରସାଦ ଡିଆ ଓ ରାଜନଗର ରେଞ୍ଜ ବାଲିଡିଆରେ କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ସଂଖ୍ୟକ ପକ୍ଷୀ ଗଣନା କରାଯାଇଥିବା ବେଳେ ଜାତୀୟ ଉଦ୍ୟାନ ପ୍ରେମୀ ଓ ପକ୍ଷୀ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢିଛି।

ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା କନିକା ରେଞ୍ଜ ଅଧିନରେ ମଠ ଆଡ଼ିଆ, ଲକ୍ଷ୍ମୀପ୍ରସାଦ ଡିଆ ଓ ଦୁର୍ଗାପ୍ରସାଦ ଡିଆର ଅରଣ୍ୟ ଏବଂ ବୃକ୍ଷଲତାରେ ପର୍ଯ୍ୟାପ୍ତ ପରିମାଣର ଦେଶୀୟ ପକ୍ଷୀ ବାସ କରନ୍ତି। ଗେଣ୍ଡାଳିଆ, ବଗ, ଦା ବେଣ୍ଟିଆ, କାପରଖାଇ, ଅଞ୍ଜନା ପ୍ରଭୃତି ଦେଶୀୟ ପକ୍ଷୀ ଜାତୀୟ ଉଦ୍ୟାନ ମଧ୍ୟରେ ବାସ କରିଥାନ୍ତି। ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବିଭିନ୍ନ କୀଟ ପତଙ୍ଗ ସମେତ ଉଦ୍ୟାନକୁ ଲାଗିଥିବା ଚାଷ ଜମି ଏବଂ ଚିଙ୍ଗୁଡ଼ି ଘେରି ଗୁଡିକରୁ ଏମାନେ ଖାଦ୍ୟ ସଂଗ୍ରହ କରିଥାନ୍ତି। ଯେଉଁଥିପାଇଁ ଏହି ପକ୍ଷୀ ଗୁଡିକ ଅନ୍ୟ କୌଣସି ସ୍ଥାନକୁ ନଯାଇ ଜାତୀୟ ଉଦ୍ୟାନକୁ ନିଜର ବାସସ୍ଥାନ ଭାବେ ବାଛି ନେଇଛନ୍ତି।

୨୦୨୪ ମସିହାରେ ଦେଶୀୟ ପକ୍ଷୀ ମାନଙ୍କ ପାଇଁ ଏକ ନୂତନ ସ୍ଥାନ ବାଲିଡ଼ିଆ ଠାବ କରାଯାଇ ମୋଟ ୧,୩୦,୧୨୩ଟି ଦେଶୀୟ ପକ୍ଷୀ ଜାତୀୟ ଉଦ୍ୟାନ ମଧ୍ୟରେ ଚିହ୍ନଟ ହୋଇଥିବା ବେଳେ ୨୦୨୩ ସେପ୍ଟେମ୍ବର ମାସ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ହୋଇଥିବା ଦେଶୀୟ ପକ୍ଷୀ ଗଣନା ଅନୁଯାୟୀ, ଜାତୀୟ ଉଦ୍ୟାନ ମଧ୍ୟସ୍ଥ ବିଭିନ୍ନ ସ୍ଥାନରୁ ୨୬,୧୧୮ଟି ବସା ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରେ ମୋଟ ୧,୨୩,୮୬୭ଟି ଦେଶୀୟ ପକ୍ଷୀଙ୍କୁ ଗଣନା କରାଯାଇଥିଲା। ଯାହାକି ୨୦୨୨ ମସିହାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟାଠାରୁ ୭୭୯୭ଟି ଅଧିକ ଥିଲେ। ୨୦୨୨ ମସିହାରେ ଦେଶୀୟ ପକ୍ଷୀ ଗଣନା ରିପୋର୍ଟ ଅନୁଯାୟୀ, ୨୪,୬୬୪ଟି ବସାରୁ ମୋଟ ୧,୧୬,୦୭୦ଟି ପକ୍ଷୀଙ୍କୁ ଗଣନା କରାଯାଇଥିଲା। ଚଳିତବର୍ଷ ଦେଶୀୟ ପକ୍ଷୀଗଣନା ନିମନ୍ତେ ୨ଟି ଟିମ୍ ଚୟନ କରାଯାଇଥିଲା। ପ୍ରତ୍ୟେକ ଟିମ୍ ରେ ବନବିଭାଗର ୭ ଜଣ ଲେଖାଏଁ ସଦସ୍ୟ ରହିଥିଲେ। ଏହି ଗଣନା କାର୍ଯ୍ୟରେ ବାଇନାକୁଲାର, ରେଞ୍ଜ୍ ଫାଇଣ୍ଡର ଭଳି ଅତ୍ୟାଧୁନିକ ଉପକରଣ ବ୍ୟବହାର କରାଯାଇଥିଲା, ଯାହା ଦେଶୀୟ ପକ୍ଷୀ ଗଣନାକୁ ଆହୁରି ସହଜ କରିଥିଲା।



# ପିଲା ଚୋରି ଅଭିଯୋଗ : ବାବା ବେଶ ଧାରୀ ୮ ସନ୍ଦିଗ୍ଧଙ୍କୁ ଧରିଲେ ଗାଁଲୋକେ

**ଅନୁଗୋଳ ୧୦।୦୯ ନ୍ୟୁଜ ବ୍ୟୁରୋ**



୮ ଜଣ ବାବା ବେଶ ଧାରୀ ବ୍ୟକ୍ତିଙ୍କୁ ଅଟକ ରଖିଥିଲେ ଗ୍ରାମବାସୀ । ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଭାଲିଆବେଡ଼ା ଗାଁରେ ୮ ଜଣ ବାବା ବେଶଧାରୀ ବ୍ୟକ୍ତିଙ୍କୁ ସନ୍ଦେହ ହେବାରୁ ଅଟକ ରଖିଛନ୍ତି ଗ୍ରାମବାସୀ । ଅଟକ ଥିବା ବ୍ୟକ୍ତିଙ୍କ ଘର ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ୮ ଜଣ ବାବା ବେଶ ଧାରୀ ଲୋକ ଏକ କାର୍‌ରେ ଜଣେ ପିଲାକୁ ଅପହରଣ କରିବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟଜଣେ ପାଟି କରିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବାବାମାନଙ୍କୁ ଅଟକ ରଖିଛନ୍ତି। ତେବେ ସେମାନେ କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଗାଁକୁ ଆସିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଓଡ଼ିଆ କହୁଥିବା ଜଣାପଡ଼ିଛି। ବାକି ଅଟକ ଥିବା ଅନ୍ୟ ବ୍ୟକ୍ତିଙ୍କ ଘର ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ବୋଲି ଜଣାପଡିଛି। ସେପଟେ ଏସମ୍ପର୍କରେ ଖବର ପାଇ ରେଙ୍ଗାଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ବର୍ତ୍ତମାନ ସୁଦ୍ଧା ସେମାନଙ୍କର ପରିଚୟ ଏବଂ କେଉଁ ଉଦ୍ଦେଶ୍ୟରେ ଗାଁକୁ ଆସିଛନ୍ତି, ସେନେଇ ପଚରାଉଚରା କରୁଛି ପୋଲିସ।

## ପ୍ରକାଶ ପାଇବାକୁ ଯାଉଛି...

## 'କଥାକଳିକା'ର ମହାପୂଜା ସଂଖ୍ୟା ସେପ୍ଟେମ୍ବର-୨୦୨୫




### ବିଶିଷ୍ଟ କଥାକାରଙ୍କର କଥାରେ ସମୃଦ୍ଧ...

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।

**ସମକାଳର କଥା :** ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କ୍ଷୀରୋଦ ଦାସ, ଭାସ୍କର ଜେନା, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚାନ୍ଦ, ରଞ୍ଜନ କୁମାର ଦାସ, ସୌରୀନ୍ଦ୍ରି ସାହୁ, ରୁମ୍ ଝୁମ୍ ନାୟକ, ଆଭାସ ବରାଳ, ଶଶିକାନ୍ତ ରାଉତ, ସୋମା ଚାନ୍ଦ, ସୁକାନ୍ତ ଦାସ, ପ୍ରତାପ ବିଶ୍ୱାଳ, ବିଜନବାଳା ପାଟଯୋଷୀ, ସୁଷମା ଦାଶ, ବିଜୟ ଦାଶ, ବିଜୟ ମଲ୍ଲ, ସୁଜାତା ମହାପାତ୍ର, କିରଣ ମିଶ୍ର, ସୁନିତା କର, ଆଶାଲତା ପଣ୍ଡା, ସଂଯୁକ୍ତା ଦାଶ, ବନ୍ଦନା ପଣ୍ଡା, ବିଜୟଲକ୍ଷ୍ମୀ ସାହୁ।

**ଅନ୍ୟ ଭାଷାର କଥା :** କନକ ମଞ୍ଜରୀ ପଟ୍ଟନାୟକ, ରେବାଦାସ ପଟ୍ଟନାୟକ।

**ଯୁବ ମାନସର କଥା :** ଜାକିର ଖାନ୍, ଲିପ୍‌ସା ପଟେଲ, ପ୍ରକାଶ ସାହୁ, ସ୍ରୋତସ୍ୱିନୀ ପରିଡ଼ା, ଶ୍ରୀତମ ବାରିକ।

**ଏବଂ ଶେଷରେ....**

**କଥା ସାଗର :** ଅନୁବାଦ ଉପନ୍ୟାସ : ସୁପ୍ରଭା ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୬୪/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

## କ୍ଷୀର ଅପମିଶ୍ରଣ : ପୋଲିସର ଚଢଉରେ ଅନେକ ସାମଗ୍ରୀ ଜବତ

**ଆଠଗଡ଼ ୧୦।୦୯ ନ୍ୟୁଜ ବ୍ୟୁରୋ**

ଆଠଗଡ଼ରେ କ୍ଷୀର ଅପମିଶ୍ରଣ ବେଳେ ପୋଲିସ ପକ୍ଷରୁ ଚଢଉ କରାଯାଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ଚାଲିଥିଲା ଅପମିଶ୍ରଣ। ବିଳମ୍ବିତ ରାତିରେ ଗୁରୁଡ଼ିଝାଟିଆ ଥାନା କୁଷ୍ଣଙ୍ଗୀ ନିକଟରେ କ୍ଷୀର ଅପମିଶ୍ରଣ ବେଳେ ରେଡ୍ ହୋଇଛି। ଲୁଣ, ପାଉଡର୍ ଓ କେମିକାଲକୁ ମିଶାଇ କ୍ଷୀର ଅପମିଶ୍ରଣ ହେଉଥିବା ଜଣାପଡ଼ିଛି। କଟକର ଏକ କମ୍ପାନୀକୁ ଯାଉଥିବା ବେଳେ ଏହା ଧରାପଡ଼ିଛି। କ୍ଷୀର ଟ୍ୟାଙ୍କର ଡ୍ରାଇଭର ସହିତ ଅପମିଶ୍ରଣ କରୁଥିବା ଦୁର୍ବୃତ୍ତ ଫେରାର ହୋଇଯାଇଛି। ଘଟଣାସ୍ଥଳରୁ ବ୍ୟବହୃତ ଅପମିଶ୍ରଣ ସାମଗ୍ରୀ ଜବତ କରିଛି ପୋଲିସ।

# ବେତନଟୀରେ କାୟା ମେଲାଉଛି ସ୍କ୍ରବ୍ ଟାଇଫସ୍ : ୧୦ ଆକ୍ରାନ୍ତ ଚିହ୍ନଟ



**ବେତନଟୀ, ୧୦/୯ ନ୍ୟୁଜ ବ୍ୟୁରୋ**

ବେତନଟୀରେ କାୟା ବିସ୍ତାର କରୁଛି ସ୍କ୍ରବ୍ ଟାଇଫସ୍ । ବର୍ତ୍ତମାନ ସୁଦ୍ଧା ୧୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ବାରିପଦା, ବାଲେଶ୍ୱର, କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏକ ନିର୍ଦ୍ଦିଷ୍ଟ ପ୍ରଜାତିର କୀଟ ସ୍କ୍ରବ୍ ଟାଇଫସ୍ ଦଂଶନରେ ମଣିଷ ଶରୀରରେ ସଂକ୍ରମଣ ହୋଇଥାଏ । ଏହାଛଡ଼ା ସଂକ୍ରମିତଙ୍କ ଶରୀରରେ ଜ୍ୱର ସହିତ ବିଭିନ୍ନ ପ୍ରକାର ରୋଗର ଲକ୍ଷଣ ଦେଖାଯାଇଥାଏ । ଆଣ୍ଠୁଗଣ୍ଠି ଦରଜ ହେବା ସହ ଅସହ୍ୟ ଯନ୍ତ୍ରଣା ହୋଇଥାଏ। ଆକ୍ରାନ୍ତଙ୍କ ଶରୀରରେ ଔଷଧ ବି ଠିକ୍ ଭାବେ କାର୍ଯ୍ୟ କରି ନଥାଏ । ମଣିଷ କ୍ରମଶଃ ଦୁର୍ବଳ ହେବା ସହିତ ଦେହରେ ଅନ୍ୟାନ୍ୟ ସଂକ୍ରମଣ ଏବଂ ଜଟିଳତା ପରିଲକ୍ଷିତ ହୋଇଥାଏ।

ବେତନଟୀ ଡାକ୍ତରଖାନା ଅଧିକାରୀ ଡ. ସିପୁନ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଏଲାଇସା ପଦ୍ଧତିରେ ବିଭିନ୍ନ ନମୂନା ପରୀକ୍ଷଣ ଦ୍ୱାରା ସ୍କ୍ରବ ଟାଇଫସ୍ ସଂକ୍ରମଣ ଚିହ୍ନଟ କରାଯାଇଥାଏ । ଏହି ଏଲାଇସା ପରୀକ୍ଷା ଜିଲ୍ଲା ମୁଖ୍ୟାଳୟରେ ଉପଲବ୍ଧ ଥିବାବେଳେ ବେତନଟୀ ଅଞ୍ଚଳରେ ଚିହ୍ନଟ ହୋଇଥିବା ଲୋକେ ସ୍କ୍ରବ ଟାଇଫସ୍ ଦଂଶନ ପରେ ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଜିଲ୍ଲା ମୁଖ୍ୟାଳୟକୁ ସଂକ୍ରମିତ ଆସୁନଥିବାରୁ ସରକାରୀ ସ୍ତରରେ ସେମାନଙ୍କ ବାବଦରେ କୌଣସି ସୂଚନା ନାହିଁ । ବିଶେଷକରି ବେତନଟୀ ଅଞ୍ଚଳରେ ସ୍କ୍ରବ ଟାଇଫସ୍ କୀଟ ଦଂଶନ ଘଟଣା ଦିନକୁଦିନ ବଢି ଚାଲିଥିବା ଏବଂ ଘରୋଇ ଡାକ୍ତରଖାନା ସହିତ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ କୌଣସି ସମନ୍ୱୟ ରହୁନାହିଁ । ଯାହା ଫଳରେ ସ୍କ୍ରବ୍ ଟାଇଫସ୍ କୀଟ କାମୁଡ଼ା ପ୍ରତିହତ କିମ୍ବା ମୁକାବିଲା ପାଇଁ ସରକାରୀ ସ୍ତରରେ କୌଣସି ସଚେତନତା କାର୍ଯ୍ୟକ୍ରମ ହେଉନଥିବା ଅଭିଯୋଗ ହୋଇଛି ।